## କୋଇଲା ବୋଝେଇ ଟ୍ରକ୍ ଜବତ

ଭଣ୍ଡାରିପୋଖରୀ, (ରବିନାରାୟଣ ଖିଲାର)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ପୋଲିସ ଛତାବର ଟୋଲ୍‌ଗେଟ ନିକଟରୁ ଏକ ବେଆଇନ କୋଇଲା ବୋଝେଇ ଟ୍ରକ୍ ଜବତ କରିଛି। ରବିବାର ବିଳମ୍ବିତ ରାତିରେ ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ନେତୃତ୍ୱରେ ପାଟ୍ରୋଲିଂ ଚାଲିଥିବା ସମୟରେ ଟ୍ରକ୍‌ଟି କଟକ ପଟୁ ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ଟୋଲ୍‌ଗେଟ ନିକଟରେ ପୋଲିସ ଅଟକ ରଖିଥିଲା। କାଗଜପତ୍ର ଯାଞ୍ଚ ବେଳେ ବେଆଇନ କୋଇଲା ପରିବହନ ହେଉଥିବା ଜଣାପଡ଼ିଥିଲା। ଟ୍ରକ୍ ଚାଳକ ଭଦ୍ରକ ମିର୍ଜାପୁରର ଏସ୍.କେ. ରିୟାଉଦ୍ଦିନ ଓ ହେଲ୍‌ପରଙ୍କୁ ଗିରଫ କରାଯାଇଛି।

**ସଂକ୍ଷେପରେ**

## ଟ୍ରକ୍‌କୁ ଧକ୍କା ଦେଲା ହାଇୱା, ଡ୍ରାଇଭର ଗୁରୁତର

ବାହାନଗା, ୬।୧୧ (ଅରୂପ କୁମାର ଦାସ)- ୧୬ନଂ. ଜାତୀୟ ରାଜପଥ ଶେରଗଡ ନିକଟସ୍ଥ ଟୋଲଗେଟ୍‌ଠାରେ ଶନିବାର ରାତିରେ ଛିଡା ହୋଇଥିବା ଏକ ଟ୍ରକକୁ ଧକ୍କା ଦେଇ ହାଇୱାର ଡ୍ରାଇଭର ଗୁରୁତର ହୋଇଛନ୍ତି। ଦମକଳବାହିନୀ ତାଙ୍କୁ ଉଦ୍ଧାର କରି ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଟୋଲଗେଟ ନିକଟରେ ମାଲ ବୋଝେଇ ଟ୍ରକ୍ ଛିଡା ହୋଇଥିବା ବେଳେ ହାଇୱା ପଛପଟୁ ଧକ୍କା ଦେଇଥିଲା। ହାଇୱା ଡ୍ରାଇଭର ଜଳେଶ୍ୱର ଶିଖରପୁର ଗ୍ରାମର ଅଶୋକ ଗିରି ଚାପିହୋଇ ଗୁରୁତର ହୋଇଥିଲେ। ଖନ୍ତାପଡା ଥାନା ପୋଲିସ ପହଞ୍ଚି ନୀଳଗିରି ଦମକଳବାହିନୀକୁ ଖବର ଦେଇଥିଲା। ସେମାନେ ପହଞ୍ଚି ଡ୍ରାଇଭରଙ୍କୁ ଉଦ୍ଧାର କରିବାରେ ବିଫଳ ହୋଇଥିଲେ। ବାହାନଗା ଦମକଳ ବିଭାଗ ଅଧିକାରୀ ନୀଳକଣ୍ଠ ମହାନ୍ତିଙ୍କ ନେତୃତ୍ୱରେ ଏକ ଟିମ୍ ଯାଇ ଉଦ୍ଧାର କରିଥିଲେ।

## 'ଲାଞ୍ଚ ଦେବା ଓ ନେବା ଦଣ୍ଡନୀୟ ଅପରାଧ'

ଖୁଣ୍ଟା, ୬।୧୧ (ଦେବରଞ୍ଜନ ବେହେରା)-ମୟୂରଭଞ୍ଜ ଜିଲା ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ଭିଜିଲାନ୍ସ ସପ୍ତାହ ପାଳିତ ହୋଇଯାଇଛି। ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସହ ଶତାଧିକ ଛାତ୍ରୀଛାତ୍ର ଓ କର୍ମଚାରୀ ଏଥିରେ ସାମିଲ ହୋଇଥିଲେ। 'ଲାଞ୍ଚ ଦେବା ଓ ନେବା ଏକ ଦଣ୍ଡନୀୟ ଅପରାଧ' ନେଇ ଜନସଚେତନତା ସୃଷ୍ଟି କରିବା ସହ ଶପଥପାଠ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଛାତ୍ରୀଛାତ୍ରଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ହୋଇଥିବା ବେଳେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ କଲେଜର ଛାତ୍ରୀଛାତ୍ର ବିଭିନ୍ନ ସ୍ଲୋଗାନ ଦେଇ ପଦଯାତ୍ରାରେ ଯାଇ ଲୋକଙ୍କୁ ସଚେତନ କରାଇଥିଲେ।

## ନୂତନ ବ୍ଲକ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା, ମିଶ୍ରଣ ପର୍ବ

ଧାମନଗର,୬।୧୧ (ଦେବେନ୍ଦ୍ର ଆଦିଆ)-ଭଦ୍ରକ ଜିଲା ଧାମନଗର ବ୍ଲକର ଗୋବିନ୍ଦପୁରଠାରେ ବ୍ଲକ କଂଗ୍ରେସର ନବନିଯୁକ୍ତ ସଭାପତି ରମେଶ ଚନ୍ଦ୍ର ବେହେରା ଏବଂ ନବନିର୍ବାଚିତ ଯୁବ କଂଗ୍ରେସ ସଭାପତି ଆଲୋକ କୁମାର ସ୍ୱାଇଁଙ୍କୁ ପଞ୍ଚାୟତ କଂଗ୍ରେସ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ପଞ୍ଚାୟତ କଂଗ୍ରେସ କମିଟି ସଭାପତି ଭାସ୍କର ଚନ୍ଦ୍ର ପାକଳଙ୍କ ଅଧକ୍ଷତାରେ ନାରୀନେତ୍ରୀ ସୁଜାତା ଲେଙ୍କା ସଭା ସଞ୍ଚାଳନା କରିଥିଲେ। ଏହି ଅବସରରେ କଂଗ୍ରେସର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଅନ୍ୟ ଦଳ ଛାଡ଼ି ବହୁ କର୍ମୀ ଏଥିରେ ସାମିଲ ହୋଇଛନ୍ତି। ଦଳୀୟ ସଭାପତି ନୂତନ କର୍ମୀମାନଙ୍କୁ ସ୍ୱାଗତ କରିଥିଲେ। ମାନସ ରଞ୍ଜନ ସାହୁ, ରାଜେଶ କୁମାର ବିଶ୍ୱାଳ, ଅକ୍ଷୟ କୁମାର ପଲାଇ, ମହେଶ୍ୱର ମାଝୀ, ଚିନ୍ମୟ କୁମାର ଜେନା, ଶୁକଦେବ ରଣା, ଅଭୟ ପାତ୍ର, ରତ୍ନାକର ଜେନା, ମହେନ୍ଦ୍ର ମଲ୍ଲିକ, ଦେବାଶିଷ ପଣ୍ଡା, ପଞ୍ଚାନନ ସାହୁ, ଆଲୋକ ଜେନା, ଆକାଶ ଜେନା, ବଂଶୀଧର ବେହେରା, ନିରଞ୍ଜନ ଜେନା, ପୂର୍ଣ୍ଣଚନ୍ଦ୍ର ନାଥ, ସନ୍ନ୍ୟାସୀ ଚରଣ ଲେଙ୍କାଙ୍କ ସମେତ ବହୁ ସମର୍ଥକ ଯୋଗଦେଇ ଆଗାମୀ ଦିନରେ ଦଳକୁ ମଜଭୁତ କରିବାକୁ ସଂକଳ୍ପ ନେଇଥିଲେ।

## ବକେୟା ଟଙ୍କା ନ ପାଇ ରାସ୍ତାରେ ବସିଲେ

ବାସୁଦେବପୁର, ୬।୧୧ (ନାରାୟଣ ପ୍ରସାଦ ବାରିକ୍)



ଚାଷୀମାନେ ଧାମରା-ବାସୁଦେବପୁର ରାସ୍ତାର ଚାନ୍ଦିମାଳ ଛକଠାରେ ରାସ୍ତାରୋକୋ କରି ବସିଛନ୍ତି।

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତ ଗଦି ସେବା ସମବାୟ ସମିତି ଅଧୀନରେ ଥିବା ୨୦ରୁ ଊର୍ଦ୍ଧ୍ୱ ଚାଷୀ ୨୦୨୨ରେ ସମିତିରେ ଧାନ ଦେଇଥିବା ବେଳେ ଏଯାଏ ସେମାନଙ୍କୁ ବକେୟା ପ୍ରାପ୍ୟ ପ୍ରଦାନ କରାଯାଇ ନାହିଁ। ଏହାର ପ୍ରତିବାଦରେ ଚାଷୀମାନେ ସୋମବାର ଧାମରା-ବାସୁଦେବପୁର ରାସ୍ତାର ଚାନ୍ଦିମାଳ ଛକଠାରେ ରାସ୍ତାରୋକୋ କରିଥିଲେ। ଫଳରେ ମଧ୍ୟାହ୍ନ ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଯାତାୟାତରେ ବାଧା ଉପୁଜିଥିଲା। ଏକାଧିକବାର ଏହି ଘଟଣାରେ ବକେୟା ଟଙ୍କା ନ ପାଇ ଚାଷୀମାନେ ରାସ୍ତାରୋକୋ ଭଳି ଚରମ ପନ୍ଥା ଅବଲମ୍ବନ କରୁଥିବା ବେଳେ ସେମାନଙ୍କ ସମସ୍ୟାର ସମାଧାନ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

ବକେୟା ଟଙ୍କା ଦାବିରେ ପୂର୍ବରୁ ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ଦାବିପତ୍ର ଦେଇଥିଲେ ମଧ୍ୟ ଚାଷୀ ମାନେ ପ୍ରାୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ପାଇପାରୁନାହାନ୍ତି। ଗଦି ସେବା ସମବାୟ ସମିତିର ତତ୍କାଳୀନ ସମ୍ପାଦକ ବନମାଳୀ ମହାକୁଡ଼ ଚଞ୍ଚକତା କରି ସେମାନଙ୍କ ଟଙ୍କା ଆତ୍ମସାତ୍ କରିଥିବା ଚାଷୀ ରୁକ୍ମଣୀ ବିଶ୍ୱାଳ ରାସ୍ତାରୋକୋ ବେଳେ ପ୍ରଶାସନିକ ଅଧିକାରୀଙ୍କଠାରେ ଅଭିଯୋଗ କରିଥିଲେ। ସମିତିର ଆର୍ଥିକ ଅନିୟମିତତାରେ ମହାକୁଡ଼ଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ତାଙ୍କୁ କାର୍ଯ୍ୟରୁ ପୂର୍ବରୁ ନିଲମ୍ବିତ କରାଯାଇଛି।

**ସମବାୟ ସମିତିରେ ତାଲା ପକାଇଲେ ଚାଷୀ**

ଚାଷୀମାନେ ଟଙ୍କା ପାଇପାରି ନ ଥିବାରୁ ସମିତି କାର୍ଯ୍ୟାଳୟରେ ତାଲା ପକାଇ ରାସ୍ତାରୋକୋ କରିବା ପରେ ଭଦ୍ରକ ସଦର ଏସ୍‌ଡିପିଓ ସୌରଭ ଓତା, ତହସିଲଦାର ସୌଭାଗ୍ୟ ପଣ୍ଡା, କଷିଆ ସାମୁଦ୍ରିକ ଥାନାଧିକାରୀ ସାବିତ୍ରୀ ପଣ୍ଡା ପ୍ରମୁଖ ସେମାନଙ୍କ ସହ ଆଲୋଚନା କରିଥିଲେ। ଯେଉଁ ଚାଷୀମାନେ ସମିତି ମାଧ୍ୟମରେ ଧାନ ଦେଇ ଟଙ୍କା ପାଇପାରିନାହାନ୍ତି, ସେ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବା ସହ ସମସ୍ୟାର ସମାଧାନ କରାଯିବ ବୋଲି ପ୍ରଶାସନିକ ଅଧିକାରୀଙ୍କଠାରୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

## ନୂତନ ଭୋଟରଙ୍କୁ ସଚେତନତା ଲାଗି ଗଡ଼ିଲା ରଥ



ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି ଜିଲାପାଳ।

ବାଲେଶ୍ୱର, ୬।୧୧ (ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ସୋମବାର ନୂତନ ମତଦାତାଙ୍କୁ ସଚେତନ କରିବା ଲାଗି ଏକ ସଚେତନତା ରଥକୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଶୁଭାରମ୍ଭ କରିଥିଲେ। ଏହି ରଥ ବାଲେଶ୍ୱର ସହର ଓ ଆଖପାଖ ଅଞ୍ଚଳରେ ବୁଲି ସଚେନତତା କରାଇବାରେ ସହାୟକ ହେବ ବୋଲି ଆଶା କରାଯାଇଛି।

୧୮ବର୍ଷର କିଶୋରୀକିଶୋରମାନଙ୍କୁ ଭୋଟର ତାଲିକାରେ ନାମ ପଞ୍ଜିକରଣ କରିବା ଓ ଭୋଟ୍ ପରିଚୟପତ୍ରରେ ଥିବା ତ୍ରୁଟିଗୁଡ଼ିକୁ ସଂଶୋଧନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ବାଲେଶ୍ୱର ଜିଲା ପ୍ରଶାସନ ଓ ଜିଲା ନିର୍ବାଚନ ଅଧିକାରୀଙ୍କ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପଜିଲାପାଳ କୁନାଲ ମୋତିରାମ ଚୌହ୍ୱାନ, ଡେପୁଟି କଲେକ୍ଟର (ନିର୍ବାଚନ) ଗାୟତ୍ରୀ ସୋରେନ, ଅତିରିକ୍ତ ଉପଜିଲାପାଳ ଶୁଭଶ୍ରୀ ରଥ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତଙ୍କ ସମେତ ଜିଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ।

## 'ସଂଗଠନ ସମୂହ ସ୍ୱାର୍ଥରେ କାର୍ଯ୍ୟ କରିବା ଉଚିତ୍'



ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିବିଶେଷ।

ବାରିପଦା,୬।୧୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବ୍ୟକ୍ତିଗତ ସ୍ୱାର୍ଥ ଓ ପ୍ରଶଂସା ପାଇଁ ସଂଗଠନ ଗଢ଼ିବା ଅପେକ୍ଷା ଜିଲାର ସମୂହ ସ୍ୱାର୍ଥ ପାଇଁ ସଂଗଠନ ଗଢ଼ିବା ହିଁ ଯଥାର୍ଥ ମାନବ ସେବା। ସଂଗଠନଗୁଡ଼ିକ ଏହାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ଉଚିତ ବୋଲି ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ୍ ଅଧୀନ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରର ଯାତ୍ରୀ ନିବାସରେ ମୟୂରଭଞ୍ଜ ସିଟିଜେନ ଫୋରମର ଅନୁଷ୍ଠିତ ବୈଠକରେ ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଫୋରମର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇଙ୍କ ଆଦର୍ଶକୁ ଅନୁକରଣ କରି ନମସ୍ତେ ମାନନୀୟେଷୁ ମଞ୍ଚ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ପରିଚ୍ଛା ପ୍ରଦୀପ ପଣ୍ଡାଙ୍କ ପୌରହିତ୍ୟରେ କୋଷାଧ୍ୟକ୍ଷ ମନୋଜ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବରିଷ୍ଠ ସଦସ୍ୟ ପ୍ରଦ୍ୟୁମ୍ନ ମହାପାତ୍ର, ସମ୍ପାଦକ ସତ୍ୟାନନ୍ଦ ଶେଜପଡ଼ା ଏବଂ ଆଲୋଚକବର୍ଗ କେନ୍ଦ୍ର ସରକାରଙ୍କୁ ଫୋରମ ବହୁବର୍ଷ ଧରି ଦାବି କରି ଆସୁଥିବା ମୟୂରଭଞ୍ଜ ମିଶ୍ରଣ ଚୁକ୍ତିନାମାର ପ୍ରକାଶନ କରିବା ସହିତ ଶିମିଳିପାଳରେ ସିଆରପିଏଫଏଫ ମୁତୟନ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପୂର୍ଣ୍ଣାଙ୍ଗ, ରାଇରଙ୍ଗପୁରଠାରେ ଲୌହ ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି କରିଥିଲେ। ପଣ୍ଡିତ ରତିକାନ୍ତ ମିଶ୍ରଙ୍କୁ ପୁରୋହିତ ଶିରୋମଣୀ, ଦିବଙ୍ଗତ ଶିକ୍ଷାବିତ୍ ମହେଶ୍ୱର ପଣ୍ଡା, ସାମାଜିକକର୍ମୀ ହରିଶ୍ଚନ୍ଦ୍ର ପଣ୍ଡା ଏବଂ ଡା. କିଶୋର ଚନ୍ଦ୍ର ମହାପାତ୍ରଙ୍କୁ ସେବାଶ୍ରୀ, ସ୍ୱାଧୀନତା ସଂଗ୍ରାମୀ ଚକ୍ରଧର ପ୍ରଧାନଙ୍କୁ ମାଣତ୍ରୀ ମଣି, ବାବା କଖାରୁଆ ବୈଦ୍ୟନାଥ ଯୁବକ ସଂଘର ସଭାପତି ଜ୍ୟୋତିପ୍ରକାଶ ପଣ୍ଡା ଏବଂ ଜିତେଶ ପତିଙ୍କୁ ଅଗ୍ରଯୋଦ୍ଧି ସମ୍ମାନ, ପୂର୍ଣ୍ଣମାସୀ ସେବା ସଂସ୍ଥାର ସଞ୍ଚାଳକ ରାଜକିଶୋର ଆଚାର୍ଯ୍ୟ, ମହେଶ୍ୱର ସେନାପତିଙ୍କୁ ଚନ୍ଦ୍ରପ୍ରଭା ସମ୍ମାନ, ବଡ଼ସାହି ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ରଣଜିତ୍ ଦାସ ଏବଂ ମୁଖପାତ୍ର ସଚ୍ଚିଦ୍ରନାଥ ବିଶ୍ୱାଳଙ୍କୁ ସେବାଶ୍ରୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଫୋରମର ନୂତନ କର୍ମକର୍ତ୍ତା ଶପଥ ପାଠ କରିଥିଲେ।

**ସିଟିଜେନ ଫୋରମର ନମସ୍ତେ ମାନନୀୟେଷୁ କାର୍ଯ୍ୟକ୍ରମ**

## କମେଣ୍ଟ ମରାକୁ ନେଇ ହତ୍ୟାକାଣ୍ଡ

**ଅଭିଯୁକ୍ତ ଗିରଫ**

ଚମ୍ପୁଆ,୬।୧୧ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ଥାନା ଅଧୀନ ରାଇଗୁଡ଼ିରେ କମେଣ୍ଟ ମରାକୁ ନେଇ ଏକ ହତ୍ୟାକାଣ୍ଡ ଘଟିଯାଇଛି। ଝିଅକୁ କମେଣ୍ଟ ମରାକୁ ବିରୋଧ କରିବାରୁ ଜଣେ ଯୁବକ ପିଟି ବାପାଙ୍କୁ ହତ୍ୟା କରିଛନ୍ତି। ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଶମ୍ଭୁନାଥ ଗିରି(୨୫)। ଅଶ୍ୱିନୀ ପ୍ରଧାନଙ୍କ ଝିଅଙ୍କୁ ଶମ୍ଭୁନାଥ କମେଣ୍ଟ ମାରିବା ନେଇ ବଚସା ହୋଇଥିଲା। ସେପ୍ଟେମ୍ବର ୨୯ ସନ୍ଧ୍ୟାରେ ଅଶ୍ୱିନୀ ହାଟରୁ ଘରକୁ ଫେରୁଥିବା ବେଳେ ରାଇଗୁଡ଼ି ନିକଟ କୁକୁଡ଼ା ଫାର୍ମ ନିକଟରେ ଶମ୍ଭୁନାଥ ଅଟକାଇ ପାଟି ତୁଣ୍ଡ ଓ ଠେଲା ପେଲା କରିଥିଲେ। ଅଶ୍ୱିନୀ ତଳେ ପଡିଯିବା ପରେ ଶମ୍ଭୁନାଥ ମୁଣ୍ଡକୁ ବାଡ଼େଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଲୋକେ ଉଦ୍ଧାର କରି ତାଙ୍କୁ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଅଶ୍ୱିନୀଙ୍କ ସ୍ତ୍ରୀ ବଉଳ ଚମ୍ପୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ହତ୍ୟା ମାମଲା (ନଂ. ୧୮୭/୨୩)ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ଶମ୍ଭୁନାଥ ବେଙ୍ଗାଲୁରୁରୁ ଫେରି ରିମୁଳିରେ ବୁଲୁଥିବା ଖବର ପାଇ ଗିରଫ କରିଥିବା ତଦନ୍ତକାରୀ ଅଧିକାରୀ ପ୍ରଶନ୍ନ ସାହୁ ସୂଚନା ଦେଇଛନ୍ତି।

## ଭୋଟର ତାଲିକା ପର୍ଯ୍ୟବେକ୍ଷକଙ୍କ ବୁଥ୍ ପରିଦର୍ଶନ, ସମୀକ୍ଷା

ଭଦ୍ରକ,୬।୧୧ (ସନାତନ ରାଉତ)

ଆସନ୍ତା ଜାନୁୟାରୀ ୫ରେ ପ୍ରକାଶିତ ହେବାକୁ ଥିବା ଚୂଡ଼ାନ୍ତ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଅକ୍ଟୋବର ୨୭ରୁ ଡିସେମ୍ବର ୯ ପର୍ଯ୍ୟନ୍ତ ହେବାକୁ ଥିବା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟା ଲାଗି ରବିବାରଠାରୁ ପ୍ରଥମ ସ୍ୱତନ୍ତ୍ର ଅଭିଯାନ ଦିବସ ଆରମ୍ଭ ହୋଇଛି। ଭୋଟର ତାଲିକାରେ ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ମୃତକଙ୍କ ନାମ ବାଦ୍ ଏବଂ ଅନ୍ୟାନ୍ୟ ସଂଶୋଧନ ପାଇଁ ଜିଲାର ସମସ୍ତ ବୁଥ୍ ଖୋଲା ରହିଥିଲା। ଏହି ଜିଲା ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ ନିର୍ବାଚନ ଆୟୋଗଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଧାମନଗର ଏବଂ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର କେତେକ ବୁଥ୍ ପରିଦର୍ଶନ କରିଥିଲେ।

ସନ୍ଧ୍ୟାରେ ଜିଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଭୋଟର ତାଲିକା ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା ବୈଠକରେ ସେ ଯୋଗ ଦେଇଥିଲେ। ସୁସ୍ଥ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଯତ୍ନବାନ ହେବାକୁ ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ବାଚନୀ ବର୍ଷ ଥିବାରୁ ଠିକ୍ ଭୋଟର ତାଲିକା ପ୍ରସ୍ତୁତି ଦିଗରେ ସମ୍ପୃକ୍ତ ଅଧିକାରୀମାନେ ସଜାଗ ହେବାକୁ କହିଥିଲେ। ଉପଜିଲାପାଳ ମନୋଜ ପାତ୍ର ବୁଥ୍ ଗସ୍ତ ବେଳେ ଉପସ୍ଥିତ ରହିବା ସହ ସମୀକ୍ଷା ବୈଠକରେ ଜିଲାର ବୁଥ୍ ଓ ଭୋଟର ସଂଖ୍ୟା ସମ୍ବନ୍ଧୀୟ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଡେପୁଟି କଲେକ୍ଟର ସାଗରିକା ସାହୁ ଧନ୍ୟବାଦ ଦେଇଥିଲେ।



ସମୀକ୍ଷା ବୈଠକରେ ପର୍ଯ୍ୟବେକ୍ଷକ ସରୋଜ କୁମାର ସାମଲ, ଜିଲାପାଳ ଓ ଅନ୍ୟ ଅଧିକାରୀ।

## ଅନ୍ଧାରରେ ଜିଲା ଟ୍ରକ୍ ମାଲିକ ସଂଘ ନିର୍ବାଚନ

କେନ୍ଦୁଝର,୬।୧୧ (ଦୀପକ ମିଶ୍ର)

ସମ୍ପ୍ରତି କେନ୍ଦୁଝର ଜିଲା ଟ୍ରକ୍ ମାଲିକ ସଂଘର ନିର୍ବାଚନ ହେବ କି ନାହିଁ ତାହା ବର୍ତ୍ତମାନ ଅନ୍ଧାର ଭିତରକୁ ଠେଲି ହୋଇଯାଇଛି। ବହୁ ବାଦ ବିବାଦ ପରେ ସଂଘ ଉପଦେଷ୍ଟାଙ୍କ ଦ୍ୱାରା ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଶେଷ ପର୍ଯ୍ୟାୟରେ ହାଇକୋର୍ଟଙ୍କ ଏକ ନିର୍ଦ୍ଦେଶନାମା ନିର୍ବାଚନ ପ୍ରକ୍ରିୟା ଅଧାରୁ ବନ୍ଦ ରହିଲା।

ସୂଚନାଯୋଗ୍ୟ, ହାଇକୋର୍ଟ ସେପ୍ଟେମ୍ବର ୧୫ରେ ଏକ ଲିଖିତ ନିର୍ଦ୍ଦେଶନମାରେ ଇନ୍ସପେକ୍ଟର ଜେନେରାଲ ରେଜିଷ୍ଟ୍ରେସନ, ଓଡ଼ିଶାଙ୍କୁ ଟ୍ରକ୍ ମାଲିକ ସଂଘର ନିର୍ବାଚନ ୧୫ ନଭେମ୍ବର ୨୦୨୩ ସୁଦ୍ଧା ସାରିବାକୁ କହିଥିଲେ। ଏ ନେଇ କିଛି ଦିନ ପୂର୍ବେ ଆଇଜିଆର ସୁବ୍ରତ ଶତପଥୀ କହିଥିଲେ, ରାଜ୍ୟ ସରକାରଙ୍କ ମତ ମଗାଯାଇଛି, ସେଠାରୁ ମତ ଆସିଲା ପରେ ଯାହା ନିଷ୍ପତ୍ତି ନିଆଯିବ। ଏପରିକି ସଂଘର ପୂର୍ବତନ ସଭାପତି ରାମଚନ୍ଦ୍ର ଭୂୟାଁ, ଯୁଗ୍ମ ସମ୍ପାଦକ ପ୍ରାର୍ଥୀ ଅଏସକାନ୍ତ ପଟ୍ଟନାୟକ ଆଇଜିଆରଙ୍କୁ ସାକ୍ଷାତ କରି ନିର୍ବାଚନ ବିଷୟରେ ଆଲୋଚନା କରିଥିଲେ। ସେ ସମୟରେ ନିର୍ବାଚନ ନେଇ ସକାରାତ୍ମକ ଆଲୋଚନା ପାଇଁ ଟ୍ରକ୍ ମାଲିକଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା। ଏବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ବିରୋଧରେ ଆଇଜିଆର ସୁପ୍ରିମକୋର୍ଟରେ ଅପିଲ କରିବାକୁ ଯାଉଥିବା ଖବର ଜଣାପଡ଼ିବା ପରେ ନିର୍ବାଚନ ନ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ଏ ସମ୍ପର୍କରେ ଆଇଜିଆରଙ୍କ କାର୍ଯ୍ୟାଳୟର ଅନୁ ଶାସନ ସଚିବ ସ୍ମିତା ମହାନ୍ତି କହିଛନ୍ତି, ରାଜ୍ୟ ସରକାରଙ୍କ ଆଇନ ବିଭାଗ ପକ୍ଷରୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିବାକୁ ଲିଖିତ ଭାବେ କୁହାଯାଇଛି।

## ପ୍ରତିଶ୍ରୁତି ପରେ ବିଦ୍ୟାଳୟରୁ ତାଲା ଖୋଲିଲେ

ଠାକୁରମୁଣ୍ଡା, ୬।୧୧ (ତାରାକାନ୍ତ ପଟ୍ଟନାୟକ)

**ଶିକ୍ଷକ ନିଯୁକ୍ତି ଦାବିରେ ଧାରଣାରେ ବସିଲେ ଅଭିଭାବକ, ଛାତ୍ରୀଛାତ୍ର**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକରେ ଅନେକ ପ୍ରାଥମିକ ବିଦ୍ୟାଳୟରରେ ଶିକ୍ଷକ ଅଭାବରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଶିକ୍ଷକ ପଦବୀ ପୂରଣ ଦାବି କରି ଅଭିଭାବକମାନେ ସୋମବାର ନିହାଣଗଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଛାତ୍ରୀଛାତ୍ରଙ୍କ ସହ ଧାରଣା ଦେଇଥିଲେ।

ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟ ବ୍ଲକ ଶିକ୍ଷା ବିଭାଗ କାର୍ଯ୍ୟାଳୟଠାରୁ ୧ କି.ମି. ଦୂର ଏବଂ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ରହିଛି। ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ୧୬୭ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ଜଣେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସହ ୩ ଶିକ୍ଷୟିତ୍ରୀ ଅଛନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ବିଭିନ୍ନ ସମୟରେ ଅଫିସ୍ କାମ କଲେ, ଅନ୍ୟ ୩ ଶିକ୍ଷୟିତ୍ରୀ ୮ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରନ୍ତି। ୬ ମାସରୁ ଊର୍ଦ୍ଧ୍ୱ ହେଲା ଶିକ୍ଷାଦାନରେ ଏଭଳି ସମସ୍ୟା ଯୋଗୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ସହ ଏଭଳି ପଦକ୍ଷେପ ନେଇଛନ୍ତି। ତାଲା ପକାଇ ସ୍କୁଲ ଫାଟକ ଆଗରେ ପିଲାମାନଙ୍କ ସହ ଧାରଣାରେ ବସି ରହିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାଏକ ଓ ସିଆର୍‌ସିସି ନୀଳମାଧବ ମହାନ୍ତି ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ଗୋଟିଏ ଦିନ ପରେ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି ଦେବା ପରେ ଫାଟକରୁ ତାଲା ଖୋଲିଥିଲେ।

## ୧୦ ମାସ ହେଲା ମିଳିନି ଭତ୍ତା ଟଙ୍କା

ବାଲିଆପାଳ, ୬।୧୧ (ଅମୂଲ୍ୟ କୁମାର ଦାସ)



ପାର୍ବତୀ ପ୍ରଧାନ

ବୃଦ୍ଧାବୃଦ୍ଧ, ଅସହାୟ ଲୋକଙ୍କୁ ସହଯୋଗର ହାତ ବଢାଇ ସରକାର ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରୁଛନ୍ତି। ତେବେ ସରକାରଙ୍କର ବିଭିନ୍ନ ନୀତିନିୟମ ଭିତରେ ଛନ୍ଦି ହୋଇ ଅନେକ ହିତାଧିକାରୀ ଦୁଃଖକଷ୍ଟରେ ଦିନ କାଟୁଛନ୍ତି। ଏଭଳି ଜଣେ ବୃଦ୍ଧା ହେଲେ ବାଲିଆପାଳ ବ୍ଲକ ଅସ୍ତି ପଞ୍ଚାୟତ ପାଟୁଳିଆ ଗ୍ରାମର ପାର୍ବତୀ ପ୍ରଧାନ। ତାଙ୍କର ସ୍ୱାମୀ କି ପିଲାପିଲି ନାହାନ୍ତି। ଦୀର୍ଘଦିନ ହେବ ସେ ହୃଦରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ଅଛନ୍ତି। ତାଙ୍କୁ ମିଳୁଥିବା ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ହିଁ ତାଙ୍କର ଔଷଧ ଖର୍ଚ୍ଚର ବଡ଼ ମାଧ୍ୟମ ଥିଲା। ପ୍ରଥମେ ତାଙ୍କୁ ୭୦୦ ଟଙ୍କା ହିସାବରେ ଭତ୍ତା ଟଙ୍କା ମିଳୁଥିଲା। ପରେ ତାଙ୍କ ବ୍ୟାଙ୍କ ଖାତାକୁ ୨୦୨୨ଠାରୁ ୨୦୨୩ ମସିହା ଜାନୁୟାରୀ ପର୍ଯ୍ୟନ୍ତ ୫୦୦ ଟଙ୍କା କରି ଆସିଥିଲା। ତେବେ ତାହା ପରଠାରୁ ତାଙ୍କ ଖାତାକୁ ଭତ୍ତା ଟଙ୍କା ଆସୁନାହିଁ କିମ୍ବା ଅଫ୍‌ଲାଇନରେ ମଧ୍ୟ ଦିଆଯାଉନାହିଁ। ଭତ୍ତା ଟଙ୍କା ପାଇଁ ପାର୍ବତୀ ବହୁ ଲୋକଙ୍କୁ ଗୁହାରୀ କରି ଗ୍ରାମବାସୀ ସହ ବ୍ଲକ ସୁରକ୍ଷା ଅଧିକାରୀଙ୍କ ପାଖକୁ ଯାଇ ପଚାରିଥିଲେ। ସୁରକ୍ଷା ଅଧିକାରୀ ଆଧାର ସହ ବ୍ୟାଙ୍କ ଲିଙ୍କ ନ ଥିବା କହିଥିଲେ। ତା' ପରେ ପାର୍ବତୀ ଗ୍ରାମବାସୀ ସହ ବ୍ୟାଙ୍କ ଯାଇ ପଚାରିଥିଲେ। ବ୍ୟାଙ୍କ କର୍ମଚାରୀ କହିଥିଲେ ଆଧାର ସହ ବ୍ୟାଙ୍କ ଲିଙ୍କ୍ ଅଛି, ପୁଣି ବ୍ଲକ ଯାଇ ସେ ଜଣାଇଥିଲେ। ବ୍ଲକ ପ୍ରଶାସନ ଜିଲା ପ୍ରଶାସନ ଉପରେ ଦୋଷ ଲଦି ଚୁପ୍ ବସିଛି। ଭତ୍ତା ଟଙ୍କା ନ ପାଇ ପାର୍ବତୀ ରୋଗଶଯ୍ୟାରେ ଦୁଃଖ କଷ୍ଟରେ ଦିନ କାଟୁଛନ୍ତି। ବାଲିଆପାଳ ବ୍ଲକରେ ଏଭଳି ୬୭ଜଣ ହିତାଧିକାରୀ ଫେବୃୟାରୀଠାରୁ ଭତ୍ତା ଟଙ୍କା ନ ପାଇ ବ୍ଲକ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ଅସହାୟ ବୃଦ୍ଧାବୃଦ୍ଧଙ୍କୁ ତାଙ୍କ ଘରେ ଭତ୍ତା ଦେବାର ସରକାରୀ ନିୟମ ଥିଲା ବେଳେ ବାଲିଆପାଳ ବ୍ଲକରେ ସବୁ ନିୟମ ଉଲ୍ଲଘଂନ ହୋଇଚାଲିଛି। ଏ ସମ୍ପର୍କରେ ବାଲିଆପାଳ ବ୍ଲକ ଭତ୍ତା ଦାୟିତ୍ୱରେ ଥିବା ସାମାଜିକ ସୁରକ୍ଷା ଅଧିକାରୀ ଶର୍ମିଷ୍ଠା ପାତ୍ରଙ୍କୁ ପଚାରିବାରୁ ଆଧାର ଅପଡ଼େଟ ହୋଇ ନ ଥିବାରୁ ଏଭଳି ସମସ୍ୟା ଉପୁଜିଛି ବୋଲି କହିଛନ୍ତି।

## ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ଦାବି

କେନ୍ଦୁଝର,୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ

ଆଦିବାସୀ ଅଧୁଷିତ କେନ୍ଦୁଝର ଜିଲାରେ ଖଣି ଖାଦାନ ଯୋଗୁ ଧନୀ ଜିଲା ଭାବେ ସମଗ୍ର ରାଜ୍ୟ ତଥା ଭାରତରେ ପରିଗଣିତ ହେଉଥିଲେ ହେଁ ଏଠାରେ ଆଶାନୁରୂପ ବିକାଶ ହୋଇପାରୁନାହିଁ। ଖଣିଖାଦାନରେ ଭରପୂର ଥିବା ଜିଲାର ଲୋକମାନେ କାମଧନ୍ଦା ନ ପାଇ ପରିବାର ପ୍ରତିପୋଷଣ କରିବାରେ କଷ୍ଟ ଭୋଗୁଛନ୍ତି। ଏଠାରେ ବୃହତ୍ ଶିଳ୍ପଟିଏ ନ ଥିବାରୁ ବାହାର ରାଜ୍ୟକୁ ଛୁଆପିଲା ଧରି ଦାଦନ ଖଟି ଯିବାକୁ ବାଧ ହେଉଛନ୍ତି। ଏଣୁ ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପାଇଁ କେନ୍ଦୁଝରଗଡ଼ ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ସଭାପତି ରଞ୍ଜନ କୁମାର ବେହେରାଙ୍କ ନେତୃତ୍ୱରେ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବି ମୁତାବକ, ଯୋଡ଼ା, ବଡ଼ବିଲ, ବାମେବାରି, ଗୁଆଲୀ, ଶୁଆକାଠି, ଦୈତାରି ଆଦି ଅଞ୍ଚଳରେ ଲୁହାପଥର ଓ ମାଙ୍ଗାନିଜ ଖଣି ଭରପୂର ରହିଛି। ଉକ୍ତ ଖଣିଗୁଡ଼ିକୁ ଟାଟା, ଓଡ଼ିଶା ଖଣି ନିଗମ, ସେଲ୍ ଆଦି ବଡ଼ ବଡ଼ କମ୍ପାନୀ ଲିଜ୍ ନେଇ ଖନନ କରୁଛନ୍ତି। ଖଣିଖାଦାନ ଅଞ୍ଚଳ ଲୋକେ ଧୂଳିଧୂଆଁ ପ୍ରଦୂଷଣ, ବିପର୍ଯ୍ୟୟ ରାସ୍ତାଘାଟ, ଅସ୍ୱାସ୍ଥ୍ୟକର ପରିବେଶ, ଉତ୍କଟ ପାନୀୟ ଜଳ ସମସ୍ୟା, ବେରୋଜଗାର ଭଳି ସମସ୍ୟା ଭୋଗୁଛନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ ଆଜି ପର୍ଯ୍ୟନ୍ତ ଜିଲାର ବିକାଶ ସେଭଳି ହୋଇପାରିନାହିଁ। ଖଣିରୁ ଲାଭ କରୁଥିବା କମ୍ପାନୀଗୁଡ଼ିକ ସ୍ଥାନୀୟ ଅଞ୍ଚଳ କିମ୍ବା ଜିଲାର ଉନ୍ନତି କଥା କି ଜିଲାରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କଥା ଚିନ୍ତା କରୁନାହାନ୍ତି। ଜିଲାରେ ଟାଟା, ସେଲ୍ କିମ୍ବା ଓଡ଼ିଶା ଖଣି ନିଗମ ଦ୍ୱାରା ଏକ ବୃହତ ମେଗା ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରି ଉତ୍ତମ ନିଯୁକ୍ତି ବ୍ୟବସ୍ଥା କରିବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚ ସମେତ ଜିଲାବାସୀଙ୍କ ତରଫରୁ ଦାବି ହୋଇଛି। ଜିଲାର ବୃହତ ସ୍ୱାର୍ଥ ପାଇଁ ଯଦି ଚଳିତ ନଭେମ୍ବର ୩୦ ସୁଦ୍ଧା ସରକାରଙ୍କ ତରଫରୁ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ଦିନରେ ବିଭିନ୍ନ ସଂଗଠନ, ସାମାଜିକ କର୍ମୀ, ବୁଦ୍ଧିଜୀବୀ, ରାଜନୈତିକ ଦଳ ଓ ଜନସାଧାରଣ ସାଧାରଣ ନିର୍ବାଚନରେ ଭୋଟ ବର୍ଜନ କରିବା ସହିତ ଜିଲାରେ ଅର୍ଥନୈତିକ ଅବରୋଧ କରିବାକୁ ଚେତାବନୀ ଦେଇଛନ୍ତି। କାର୍ଯ୍ୟାନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ଶିଳ୍ପମନ୍ତ୍ରୀ ଓଡ଼ିଶା, ଶିଳ୍ପ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଶିଳ୍ପ ସଚିବ, ମୁଖ୍ୟ ଶାସନ ସଚିବ ଓ ୫-ଟି ଅଧକ୍ଷଙ୍କୁ ମଧ୍ୟ ମଞ୍ଚ ତରଫରୁ ଅବଗତ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ଉପସଭାପତି ଜୟକୃଷ୍ଣ ନାଏକ, ସମ୍ପାଦିକା ଶୈଳବାଳା ପରିଡ଼ାଙ୍କ ସମେତ ଜିଲାରେ କାର୍ଯ୍ୟ କରୁଥିବା ବିଭିନ୍ନ ସଂଗଠନ, ସାମାଜିକ କର୍ମୀ, ବୁଦ୍ଧିଜୀବୀ ଓ ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ଓ ଜନସାଧାରଣ ଉପସ୍ଥିତ ଥିଲେ।



ଯୁବ ଓ ଶ୍ରମ ବିକାଶ ମଞ୍ଚ ସଦସ୍ୟମାନେ।

**ଯୁବ ଓ ଶ୍ରମ ବିକାଶ ମଞ୍ଚ ପକ୍ଷରୁ ଦାବିପତ୍ର**

## ନବମ ଶ୍ରେଣୀ ଛାତ୍ରୀ ନିଖୋଜ

ଗୋପବନ୍ଧୁ ନଗର,(ଶାନ୍ତନୁ କୁମାର ମଡୁଆଲ): ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ତଥା ଡୁକୁରା ଫାଣ୍ଡି ଅଞ୍ଚଳରେ ଜଣେ ନବମ ଶ୍ରେଣୀ ଛାତ୍ରୀ ନିଖୋଜ ହୋଇଯାଇଛନ୍ତି। ଏ ନେଇ ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ନାବାଳିକା ଜଣକ ଏକ ଆଶ୍ରମ ସ୍କୁଲ୍‌ରେ ପଢୁଥିବା ବେଳେ ଛୁଟିରେ ଘରକୁ ଆସିଥିଲେ। ଘରେ ଥିବା ବେଳେ ଭୂପଡ଼ ଗ୍ରାମର ଜଣେ ଯୁବକ ତାଙ୍କୁ ଅପହରଣ କରିଥିବା ଛାତ୍ରୀଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଏକ ମାମଲା(ନଂ. ୩୦୬/୨୩)ରେ ରୁଜୁ ହୋଇ ତଦନ୍ତ ଚାଲିଥିବା ଡୁକୁରା ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ପତି କହିଛନ୍ତି।



### ସଂକ୍ଷେପରେ

## ହୋଟେଲରୁ ଚୋରି ଘଟଣା, ମହିଳାଙ୍କ ସମେତ ୨ ଗିରଫ

ମୋରଡ଼ା, ୬।୧୧ (ସ୍ମାରକ ମାଜୀ)- ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଧାନଶୋଳ-ଛୋଟରାୟପୁର ରାସ୍ତାପାର୍ଶ୍ୱ ଏକ ହୋଟେଲରୁ ଚୋରି ଘଟଣାରେ ଜଣେ ମହିଳାଙ୍କ ସମେତ ୨ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନେ ହେଲେ ଯଶିପୁର ଥାନା ଅଧୀନ ବକଲା ଗ୍ରାମର ଅବଦୁଲ କାଦିର (ବାବଲୁ) ଏବଂ ବୈଶିଙ୍ଗା ଥାନା ଅଞ୍ଚଳର କଳ୍ପନା ଐଶ୍ୱରୀୟା (ପୁଷ୍ପା)। ଉକ୍ତ ଘଟଣାରେ ଜଣେ ନାବାଳକ ମଧ୍ୟ ସମ୍ପୃକ୍ତ ଥିବା ପୋଲିସ ତଦନ୍ତରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ମାଲିକ ବିଦ୍ୟାଧର ମହାନ୍ତ ହୋଟେଲରେ ତାଲା ପକାଇ ଘରକୁ ଖାଇବା ପାଇଁ ଯାଇଥିବା ବେଳେ ତାଲା ଭାଙ୍ଗି ୩୨ ଇଞ୍ଚର ଏକ ଏଲ୍‌ସିଡି ଟିଭି, ବ୍ୟାଟେରୀ, ଇନଭର୍ଟର ଚୋରି ହୋଇଥିଲା। ମୋରଡ଼ା ରାସ୍ତାରେ ଲଗାଯାଇଥିବା ସିସିଟିଭି ଫୁଟେଜରୁ ଏକ ନମ୍ବର ବିହୀନ ସ୍କୁଟିରେ ଜଣେ ଲୋକ ମହିଳାଙ୍କ ସହ ଆସି ଉକ୍ତ ଚୋରି ଜିନିଷ ନେଇଯାଉଥିବା ଦେଖିବାକୁ ମିଳିଥିଲା।

## ଜୁଆ ଆଡ୍ଡାରେ ଚଢ଼ାଉ, ୧୧ ଗିରଫ

ଚାନ୍ଦବାଲି, ୬।୧୧(କିଷାନ ପାତ୍ର)- ଭଦ୍ରକ ଜିଲା ଚାନ୍ଦବାଲି ଥାନାଧିକାରୀ ପଞ୍ଚାନନ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ଟିମ୍ ରବିବାର ବିଳମ୍ବିତ ରାତିରେ ଏନ୍‌ଏସି ଅଧୀନ ବାଲିଗାଁ ବାମଦେବପୁର ଶାସନ ନିକଟରେ ଥିବା ଏକ ଜୁଆ ଆଡ୍ଡାରେ ଚଢ଼ାଉ କରିଛି। ୧୧ଜଣଙ୍କୁ ଗିରଫ ସହ ସେମାନଙ୍କ ନିକଟରୁ ନଗଦ ୪୯,୫୦୦ ଟଙ୍କା, ମୋବାଇଲ ଫୋନ ଓ ପ୍ଲେଇଙ୍ଗ କାର୍ଡ଼ ଜବତ କରାଯାଇଛି।

## ଅଧ୍ୟାପକଙ୍କ ନିଯୁକ୍ତିକୁ ବେଆଇନ ଦର୍ଶାଇ ଉପଜିଲାପାଳଙ୍କୁ ଭେଟିଲେ ଛାତ୍ରୀଛାତ୍ର

ନୀଳଗିରି, ୬।୧୧(ପ୍ରଶାନ୍ତ ବିଶ୍ୱାଳ)-ବାଲେଶ୍ୱର ଜିଲା ନୀଳଗିରି ମହାବିଦ୍ୟାଳୟରେ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ମରୁଡି ପଡ଼ିଛି। ଇତିହାସ ବିଭାଗରେ କୌଣସି ଅଧ୍ୟାପକ ଅଧ୍ୟାପିକା ନ ଥିବା ବେଳେ ଜଣେ ବ୍ୟକ୍ତିଙ୍କୁ ନିଯୁକ୍ତି ଦିଆଯାଇ କାମ ଚଲାଯାଉଥିବା ଅଭିଯୋଗ କରି ଛାତ୍ରୀଛାତ୍ର ପୂର୍ବରୁ କଲେଜ ଅଧକ୍ଷାଙ୍କୁ ଭେଟି ଅସନ୍ତୋଷ ବ୍ୟକ୍ତ କରିଥିଲେ। ସୋମବାର କଲେଜର କେତେଜଣ ଛାତ୍ରୀଛାତ୍ର ନୀଳଗିରି ଉପଜିଲାପାଳଙ୍କୁ ଭେଟି ଏଭଳି ଅଯୋଗ୍ୟ ଶିକ୍ଷକଙ୍କୁ ତୁରନ୍ତ କାର୍ଯ୍ୟରୁ ଅନ୍ତର କରିବାକୁ ଦାବି କରିଥିଲେ। ଉପଜିଲାପାଳ ତାଙ୍କ ପାଖରେ ଏ ବାବଦରେ ସୂଚନା ନ ଥିବା ଦର୍ଶାଇ କଲେଜ ଅଧକ୍ଷାଙ୍କ ସହିତ ଆଲୋଚନା କରି ସମାଧାନ କରିବେ ବୋଲି କହିଥିଲେ। ଅଧକ୍ଷା ଉର୍ବଶୀରାଣୀ ଜେନାଙ୍କୁ ଯୋଗାଯୋଗ କରିବାରୁ ଇତିହାସ ବିଭାଗରେ କୌଣସି ଅଧ୍ୟାପକ ନ ଥିବାରୁ ମୌଖିକ ଭାବେ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ସୂଚନା ଦେଇଥିଲେ। ତାଙ୍କୁ ପରିଚାଳନା କମିଟି କିମ୍ବା ସରକାରୀ ସ୍ତରରେ ନିଯୁକ୍ତି ଦିଆଯାଇ ନଥିବା ସଫେଇ ଦେଇଥିଲେ। ସୋମବାରଠାରୁ ତାଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଥିବା ଅଧକ୍ଷା ଜେନା ସୂଚନା ଦେଇଛନ୍ତି।

# ରାତିରେ ଚାଲିଛି ସ୍ଲରି ପାଇପ୍ ବିଛା

କେନ୍ଦୁଝର,୬।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

- ବନ୍ୟପ୍ରାଣୀ ଚଳପ୍ରଚଳରେ ସମସ୍ୟା
- ଗାଁ ମୁହାଁ ହେଉଛନ୍ତି ହାତୀପଲ


ଜେସିବି ଦ୍ୱାରା ରାସ୍ତାକଡ଼ରେ ପାଇପ୍ ପକାଇବା ପାଇଁ ନାଳ ଖୋଳାଯାଉଛି।

କେନ୍ଦୁଝର ଡିଭିଜନ ଅଧୀନସ୍ଥ ଘଟଗାଁ ରେଞ୍ଜର ଜାତୀୟ ରାଜପଥ ୨୦ ପାର୍ଶ୍ୱରେ ଅଟେଇ ସଂରକ୍ଷିତ ଜଙ୍ଗଲକୁ ଲାଗି ଦୀର୍ଘ ବର୍ଷ ହେଲା ଦିନ ରାତି ସ୍ଲରି ଓ ଅନ୍ୟାନ୍ୟ ପାଇପଲାଇନ କାମ ହେଉଛି। ଫଳରେ ରାତିରେ ବନ୍ୟପ୍ରାଣୀ ଚଳପ୍ରଚଳ କରିବାରେ ପ୍ରଭାବିତ ହେଉଛନ୍ତି। ବହୁ ପରିମାଣରେ ଜଙ୍ଗଲ ନଷ୍ଟ ହେଉଥିବା ବେଳେ ଜଙ୍ଗଲ ନିକଟ ରାସ୍ତାକଡ଼ ଖାଲଖମା ହୋଇ ଅସୁରକ୍ଷିତ ହୋଇପଡ଼ିଛି। ଜିଲାର ମୁଖ୍ୟ ରାସ୍ତାକଡ଼ରେ ଏଭଳି କାମ ଚାଲିଥିଲେ ହେଁ ତୁରନ୍ତ କାମ ସରୁ ନ ଥିବାରୁ ଏବଂ ଏ ନେଇ ବନ ବିଭାଗ ପକ୍ଷରୁ ଆଇନଗତ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ବଢୁଛି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲାରେ ହାତୀଙ୍କ ଉପଦ୍ରବ ଦିନକୁ ଦିନ ବଢୁଥିବାବେଳେ ଘଟଗାଁ ରେଞ୍ଜର ଅଟେଇ ଜଙ୍ଗଲରେ ହାତୀ ଓ ଅନ୍ୟାନ୍ୟ ପ୍ରାଣୀଙ୍କ ଚଳପ୍ରଚଳ ରହୁଛି। ଏପରିକି ହାତୀପଲ ଜାତୀୟ ରାଜପଥ ୨୦ ପାର ହୋଇ ଗୋଟିଏ ଜଙ୍ଗଲରୁ ଅନ୍ୟ ଜଙ୍ଗଲକୁ ଯିବା ଆସିବା କରୁଛନ୍ତି। ଘଟଗାଁ ରେଞ୍ଜ ଅଟେଇ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ପିପିଳିଆ-ମେଲଣଠାରୁ କୋଳିମାଟି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଦିନ ରାତି ସ୍ଲରି ପାଇପ ଲାଇନ କାମ ଚାଲୁଥିବାରୁ ହାତୀ ଏବଂ ଅନ୍ୟ ବନ୍ୟପ୍ରାଣୀଙ୍କ ଯାତାୟାତରେ ସମସ୍ୟା ଉପୁଜୁଛି। ଏତଦ୍ ବ୍ୟତୀତ ଅଟେଇ ସଂରକ୍ଷିତ ଜଙ୍ଗଲରେ ମହାବଳ ବାଘ ସମେତ କଲରାପତରିଆ ଏବଂ ବହୁ ବିରଳ ପ୍ରାଣୀ ରହୁଥିବା ଏବଂ ରାସ୍ତା ପାର ହୋଇ ଯାତାୟାତ କରୁଥିବା ଦେଖିବାକୁ ମିଳେ। ରାତିରେ କାମ ହେବା ଦ୍ୱାରା ଶବ୍ଦ ଓ ଉଜ୍ଜ୍ୱଳ ଆଲୋକ ଯୋଗୁ ସ୍ୱଚ୍ଛନ୍ଦ ଯାତାୟାତ କରି ନ ପାରି ବନ୍ୟପ୍ରାଣୀ ବ୍ୟତିବ୍ୟସ୍ତ ହୋଇ ଏଣେତେଣେ ଯିବା ଆସିବା କରୁଛନ୍ତି। ନିୟମ ଅନୁଯାୟୀ, ପାଖରେ ଜଙ୍ଗଲ ଥିଲେ ସୂର୍ଯ୍ୟାସ୍ତ ପରେ କୌଣସି ନିର୍ମାଣ କାମ ହୋଇପାରିବ ନାହିଁ। କିନ୍ତୁ ଏହାସତ୍ତ୍ୱେ କିପରି ରାତିରେ ବେଧଡ଼କ ଭାବେ ସ୍ଲରି ଓ ଅନ୍ୟ ପାଇପ୍‌ଲାଇନ ବିଛା ଚାଲିଛି, ତାହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି। ପାଇପ୍‌ଲାଇନ ବିଛା ଦ୍ୱାରା କୁକୁରକଟା ନାଳ ସମେତ ବହୁ ଚିରସ୍ରୋତା ନାଳ ପ୍ରଭାବିତ ହେବା ଆଶଙ୍କା ମଧ୍ୟ ରହିଛି।

ସ୍ଲରି ପାଇପ ଲାଇନ୍ ପାଇଁ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଗଛ କାଟିବା ପାଇଁ ବନ ବିଭାଗ ଅନୁମତିରେ ଓଏଫ୍‌ଡିସି ପକ୍ଷରୁ ଗଣତି ହୋଇଥିବା ଗଛ କଟାଯାଇଥିଲା। ପରେ କମ୍ପାନୀ ପକ୍ଷରୁ ସ୍ଲରି ପାଇପ୍‌ଲାଇନ ବିଛାଇବା କାମ ଆରମ୍ଭ ହୋଇଥିଲା। ତେବେ ସ୍ଲରି ପାଇପ ଲାଇନ ବିଛା ଯାଉଥିବାରୁ ନୂତନ ଭାବେ ଗଛ କଟାଯାଉଛି କି ନାହିଁ ତାହା ଜଣାପଡୁନାହିଁ। ବନ ବିଭାଗର ଅଧିକାରୀ ଏବଂ କର୍ମଚାରୀ ଏହି ସମୟରେ ନିୟମିତ କାମ ଦେଖୁ ନ ଥିବା ଏବଂ ରାତ୍ରକାଳୀନ ପାଟ୍ରୋଲିଂ ହେଉ ନ ଥିବାରୁ ଏଥିପ୍ରତି ଧ୍ୟାନ ଦେବା ସମ୍ଭବପର ହେଉନାହିଁ। ଘଟଗାଁ ରେଞ୍ଜ ଦାୟିତ୍ୱରେ ଥିବା ଏସିଏଫ୍ ପ୍ରଭାତ କୁଅଁର କହିଛନ୍ତି, ପୂର୍ବରୁ ରାତିରେ କାମ ହେଉଥିବା ନେଇ ଉକ୍ତ ସଂସ୍ଥାକୁ ତାଗିଦ୍ କରାଯାଇଥିଲା। ଯଦି ପୁଣି କରୁଛନ୍ତି, ଏହାର ଯାଞ୍ଚ କରି କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜେଏସ୍‌ଡବ୍ଲ୍ୟୁର ପାଇପ ବିଛାଇ କାମ ଦାୟିତ୍ୱରେ ଥିବା ବରିଷ୍ଠ ଅଧିକାରୀ ସଞ୍ଜୀବ ସାମଲ କହିଛନ୍ତି, ରାତିରେ କାମ ହେଉନାହିଁ। ରାତିରେ ଅନ୍ୟ କମ୍ପାନୀ ପାଇପ୍ ବିଛାଉଥିବେ।

## ଚମ୍ପୁଆ ସେକ୍ସନରେ ୪୦ ହାତୀ


ପତଳା ଜଙ୍ଗଲରେ ହାତୀପଲ।

ଚମ୍ପୁଆ,୬।୧୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସେକ୍ସନର ପତଳା ଜଙ୍ଗଲରେ ୪୦ ଟିକିଆ ହାତୀପଲ ତିନି ଦିନ ଧରି ଉତ୍ପାତ କରୁଛନ୍ତି। ବ୍ୟାପକ ପାଚିଲା ଧାନ ନଷ୍ଟ କରିସାରିଲେଣି। ଫଳରେ ଚାଷୀଙ୍କ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଉଥିବା ଦେଖାଯାଇଛି। ବନ ବିଭାଗ ସିମିତ କର୍ମଚାରୀଙ୍କୁ ନେଇ ହାତୀ ଘଉଡ଼ାଇଥିବା ବେଳେ ସଫଳତା ମିଳି ପାରୁନାହିଁ। ଅନ୍ୟପକ୍ଷରେ ଫସଲକୁ ହାତୀ ଦାଉରୁ ରକ୍ଷା କରିବା ପାଇଁ ଜଗି ରହିଥିବା ଚାଷୀମାନେ ହାତୀଙ୍କ ଚଲାପଥ ଅବରୋଧ କରିବା ସହ

### ପୋଲିସର ସହାୟତା ନେଲା ବନ ବିଭାଗ

ସଂଘବଦ୍ଧ ଭାବେ ବାଟ ଛାଡୁ ନ ଥିବାରୁ ଏହି ସମସ୍ୟା ଉପୁଜୁଛି ବୋଲି ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ହାତୀ ଘଉଡ଼ାଇବା ପାଇଁ ବନ ବିଭାଗ ଚମ୍ପୁଆ ପୋଲିସର ସହାୟତା ଲୋଡ଼ିଥିବା ଫରେଷ୍ଟର କାଳନ୍ଦୀ ସାମଲ ସୂଚନା ଦେଇଛନ୍ତି। ପୋଲିସ ଦ୍ୱାରା ରାସ୍ତା ଅବରୋଧ କରୁଥିବା ବ୍ୟକ୍ତିମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାମଲ ସୂଚନା ଦେଇଛନ୍ତି।

## ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କଲେ ନିର୍ଦ୍ଦେଶକ


ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲଙ୍କୁ ସ୍ୱାଗତ କରାଯାଉଛି।

ଭଦ୍ରକ, ୬।୧୧(ସନାତନ ରାଉତ)

ଭଦ୍ରକ ଜିଲା ପାଇଁ ଭୋଟର ତାଲିକା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପାଇଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସରୋଜ କୁମାର ସାମଲ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସହ ଅନ୍ୟ ଦୁଇ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟାଳୟର ପାଚେରୀ ଓ ଗେଟ୍ ନ ଥିବାରୁ ଅସାମାଜିକ ବ୍ୟକ୍ତିମାନଙ୍କ ଦ୍ୱାରା ଉପୁଜୁଥିବା ସମସ୍ୟା ବିଷୟରେ ସେ ଲୋକସମ୍ପର୍କ ଅଧିକାରୀଙ୍କଠାରୁ ଶୁଣିଥିଲେ। ଏଥିପାଇଁ ଜିଲା କାର୍ଯ୍ୟାଳୟରୁ ଯାଇଥିବା ଏଷ୍ଟିମେଟ୍ ଯଥାଶୀଘ୍ର ମଞ୍ଜୁର କରାଯାଇ ଅର୍ଥ ପ୍ରେରଣ ଦିଗରେ ପଦକ୍ଷେପ ନେବେ ବୋଲି ସେ ପ୍ରତିଶ୍ରୁତି ଦେବା ସହ ଏହି କାର୍ଯ୍ୟ ନିମନ୍ତେ ଉପଜିଲାପାଳ ମନୋଜ ପାତ୍ରଙ୍କୁ ସହଯୋଗ କରିବାକୁ କହିଥିଲେ।

## ଦେଶୀ ମଦ ସହ ସ୍କର୍ପିଓ ଜବତ, ୨ ଗିରଫ

ଯୋଡ଼ା,୬।୧୧(ମାନସ ମହାନ୍ତି): କେନ୍ଦୁଝର ଜିଲା ବାମେବାରି ଥାନା ଅଞ୍ଚଳରୁ ଯୋଡ଼ା ଅବକାରୀ ବିଭାଗ ଚଢ଼ାଉ କରି ସ୍କର୍ପିଓରେ ଚାଲାଣ ହେଉଥିବା ଦେଶୀ ମହୁଲି ମଦ ଜବତ କରିଛି। ୨ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅଭିଯୁକ୍ତ ଦ୍ୱୟ ଯୋଡ଼ା ହୁଡ଼ି ସାହିର ଇନ୍ଦ୍ରମଣି ବେହେରା ଓ ବିକାଶ ଖିଲାର। ସୂଚନା ଅନୁଯାୟୀ, ରବିବାର ରାତିରେ ଅଭିଯୁକ୍ତମାନେ ବାମେବାରୀ ଥାନା, ବନ୍ଧୁଆବେଡ଼ା ଅଞ୍ଚଳରୁ ସ୍କର୍ପିଓ (ନଂ. ଓଡି ୦୯ ଜି ୯୭୯୨)ରେ ୨ ଶହ ୪୦ ଲିଟର ମହୁଲୀ ମଦ ଯୋଡ଼ା ଅଞ୍ଚଳକୁ ନେଇ ଆସୁଥିଲେ। ସୂଚନା ପାଇ ଯୋଡ଼ା ଅବକାରୀ ବିଭାଗର କର୍ମଚାରୀମାନେ ଜୁରୁଡ଼ି ନିକଟରେ ଗାଡ଼ି ଅଟକାଇ ଯାଞ୍ଚ କରି ମଦ ଜବତ କରିଥିଲେ। ସ୍କର୍ପିଓଟି ରାଜୁ ପାତ୍ରଙ୍କ ନାମରେ ଥିବା ବେଳେ ଅବକାରୀ ପୋଲିସ ଜବତ କରି ଅଧିକ ତଦନ୍ତ କରୁଛି।

## ସୁନାମୀରୁ ସୁରକ୍ଷା ଲାଗି ମକଡ୍ରିଲ



ବାହାନଗା, ୬।୧୧(ଅରୂପ୍ କୁମାର ଦାସ)

ସମୁଦ୍ରରେ ସୁନାମୀ ଆସିଲେ ଗ୍ରାମବାସୀ କିପରି ନିଜକୁ ସୁରକ୍ଷା କରିପାରିବେ ଓ ଅନ୍ୟମାନଙ୍କ ଜୀବନ ବଞ୍ଚାଇପାରିବେ ସେନେଇ ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତ ଜଗନ୍ନାଥପୁର ଗ୍ରାମରେ ଏକ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାହାନଗା ବିଡିଓ ରବୀନ୍ଦ୍ର ସେଠୀ ପୌରୋହିତ୍ୟ କରିଥିଲେ। ଏଥିରେ ଜିଲା ଜରୁରୀକାଳୀନ ଅଧିକାରୀ ସାଇକୃଷ୍ଣ ଯେନା, ବାହାନଗା ତହସିଲଦାର ସସ୍ମିତା ମୁର୍ମୁ, ସରପଞ୍ଚ ସୂର୍ଯ୍ୟକାନ୍ତ ସେଠୀ, ଏବିଇଓ ରୋହିଆ ଟୁଡୁ, ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ପରିଦର୍ଶକ ନିରଞ୍ଜନ ବାରିକ, ଆରଆଇ ମାନସ କୁମାର ପାତ୍ର, ବାହାନଗାସ୍ଥିତ ଷଠୀ ଅଗ୍ନିଶମ ବିଭାଗ ଅଧିକାରୀ ନୀଳକଣ୍ଠ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମୁଦ୍ର ମଧ୍ୟରେ ସୁନାମି କେବେ ଓ କେତେବେଳେ ହେବ କେହି କହିପାରିବେ ନାହିଁ। ସେଥିପାଇଁ ଆମେ କିପରି ସଜାଗ ରହିବା ସେ ବିଷୟରେ ବୁଝାଇଥିଲେ। ପରେ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ପ୍ରକାର କୌଶଳ ଉପସ୍ଥିତ ମହିଳାପୁରଷଙ୍କୁ ଦେଖାଇଥିଲେ। ହଠାତ୍ ପାଣିଆସିଗଲେ କିପରିନିଜେ ଓ ରୋଗାଗ୍ରସ୍ତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେବେ ସେସବୁ ଅଗ୍ନିଶମ ବିଭାଗ ପକ୍ଷରୁ ବିଭିନ୍ନ ସାମଗ୍ରୀ ମାଧମରେ ପ୍ରାକ୍ଟିକାଲ କରି ଦେଖାଇଥିଲେ।

## ଜିଲାପାଳ, ଏସ୍‌ପିଙ୍କ ମିଳିତ ଜନଶୁଣାଣି

ଭଦ୍ରକ,୬।୧୧(ସନାତନ ରାଉତ)

ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଏସ୍‌ପି ବରୁଣ ଗୁଣ୍ଟୁପାଲି ଏଥିରେ ଯୋଗଦେଇ ୧୦୫ଟି ବ୍ୟକ୍ତିଗତ ସମସ୍ୟାଭିତ୍ତିକ ଓ ୨୨ଟି ସାମୂହିକ ସମସ୍ୟାଭିତ୍ତିକ ସମୁଦାୟ ୧୨୭ଟି ଅଭିଯୋଗ ଶୁଣିଥିଲେ। ରାଶନ କାର୍ଡ, ଧାନ ବିକ୍ରି, ଦିବ୍ୟାଙ୍ଗ ଭତ୍ତା, ଶ୍ରମକାର୍ଡ, ରାସ୍ତା ଆଦି ସମସ୍ୟା ସହ ସାଳନ୍ଦୀ ଜଳସେଚନ, ଶିକ୍ଷା ବିଭାଗ ସମ୍ବନ୍ଧୀୟ ଅଭିଯୋଗ ହୋଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ବାସୁଦେବପୁରର ରମାମଣି ରାଉଳଙ୍କୁ ଚିକିତ୍ସା ସହାୟତା ରାଶି ୫ହଜାର ଟଙ୍କା, ବାହାନଗା ରେଳ ଦୁର୍ଘଟଣାରେ ଗୁରୁତର ହୋଇଥିବା ଛାତ୍ର ଗେଲଟୁଆର ଶୁଭମ୍ ମହାନ୍ତିଙ୍କୁ ୧୦ହଜାର, ବୋଡ଼କ, ତିହିଡ଼ିର ଗଦାଧର ବାରିକଙ୍କୁ ୬ହଜାର, ଭଦ୍ରକ କାଉପୁରର ବଂଶୀଧର ପଣ୍ଡାଙ୍କୁ ୩ ହଜାର ଓ ଅନ୍ୟ ଜଣଙ୍କୁ ୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଉପଜିଲାପାଳ ମନୋଜ ପାତ୍ର ପ୍ରମୁଖ ଶୁଣାଣି କାର୍ଯ୍ୟରେ ଜିଲାପାଳଙ୍କୁ ସହଯୋଗ କରିଥିଲେ।

## ଅମିତାଭଙ୍କୁ 'ଗ୍ଲୋରି ଅଫ୍ ଇଣ୍ଡିଆ' ପୁରସ୍କାର

ବାରିପଦା,୬।୧୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୟୂରଭଞ୍ଜ ଜିଲା ଶ୍ୟାମାଖୁଣ୍ଟା ବ୍ଲକ୍ ଅଧୀନସ୍ଥ ସରକାରୀ ଉଚ୍ଚ ବିଦ୍ୟାଳୟ କଣ୍ଟାପାଳର ପ୍ରଧାନଶିକ୍ଷକ ଅମିତାଭ ମିଶ୍ରଙ୍କୁ ନୂଆଦିଲ୍ଲୀସ୍ଥିତ ଇକୋନୋମିକ ଏଣ୍ଡ ସୋସିଆଲ ଫାଉଣ୍ଡେସନ ତରଫରୁ 'ଗ୍ଲୋରି ଅଫ ଇଣ୍ଡିଆ' ପୁରସ୍କାର ପ୍ରଦାନ କରାଯାଇଛି। ବିଗତ ଦିନରେ ଜିଲା ବିଜ୍ଞାନ ପରିଦର୍ଶକଭାବେ କାର୍ଯ୍ୟ କରିବା ସହ ଜଗତସିଂପୁର ଓ ମୟୂରଭଞ୍ଜ ଜିଲାର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକତା କରି ସୁନାମ ଅର୍ଜନ କରିଛନ୍ତି। ସେ ଜିଲା, ରାଜ୍ୟ, ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଭିନ୍ନ ପୁରସ୍କାର ପାଇଛନ୍ତି। ତାଙ୍କ ଲିଖିତ କବିତା ପୁସ୍ତକ ଗୁଡ଼ିକ ପାଠକୀୟ ସ୍ୱୀକୃତି ଲାଭ କରିଛି। ସଫଳତା ପାଇଁ ବହୁ ଶିକ୍ଷକ ଓ ଅଭିଭାବକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶାରୀରିକ ଅସୁସ୍ଥତା ପାଇଁ ଅମିତାଭ ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ହୋଇ ପାରିନଥିଲେ।

## ପ୍ରଥମ ବାଚସ୍ପତିଙ୍କ ସ୍ମୃତିଚାରଣ

ଖଇରା, ୬।୧୧(ଉତ୍କଳବନ୍ଧୁ ପଣ୍ଡା)

ଓଡିଶା ବିଧାନସଭାର ପ୍ରଥମ ବାଚସ୍ପତି ତଥା ଖଇରା ବ୍ଲକ ପାର୍ବତୀପୁର ଗ୍ରାମନିବାସୀ ମୁକୁନ୍ଦ ପ୍ରସାଦ ଦାସଙ୍କ ୫୪ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିସଭା ସୋମବାର ଖଇରା ଶିକ୍ଷକ ସଂଘ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ଉମେଶ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଖଇରା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ମୁକ୍ତିକାନ୍ତ ଶତପଥି ମୁଖ୍ୟଅତିଥି, ବିଶିଷ୍ଟ ସାହିତ୍ୟିକ ହରିହର ପାଣିଗ୍ରାହୀ ମୁଖ୍ୟବକ୍ତା ଓ ଅନ୍ତର୍ଯ୍ୟାମୀ ପାତ୍ର, ବୁଦ୍ଧିରାମ ପାଣିଗ୍ରାହୀ ଓ ସନାତନ ବେହେରା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମ ବାଚସ୍ପତିଙ୍କ ସମୟରେ ହୋଇଥିବା ଉନ୍ନିତମୂଳକ କାର୍ଯ୍ୟ ଉପରେ ଅତିଥିମାନେ ଆଲୋକପାତ କରିବା ସହ ଖଇରା ଓ ଗଣ୍ଡିବେଡଠାରେ ୨ଟି ପ୍ରତିମୂର୍ତ୍ତି ସ୍ଥାପନା ପାଇଁ ଦାବି କରାଯାଇଥିଲା। ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ବେଦପାଠ, ସମ୍ପାଦକ ଅଭିରାମ ମହାପାତ୍ର ବିବରଣୀ ପାଠ ଏବଂ କୈଳାସ ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।


ସ୍ମୃତିସଭାରେ ମଞ୍ଚାସୀନ ଅତିଥି।

## ଅଙ୍ଗନୱାଡି, ସହାୟିକା ସଂଘ ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ




ଜଳେଶ୍ୱର, (ରବିନାରାୟଣ ପାତ୍ର)/ରାଇବଣିଆ((ନବୀନ ସାହୁ), ୬।୧୧

୧୦ ଦଫା ଦାବି ନେଇ ଅଲ୍ ଓଡିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ପକ୍ଷରୁ ସୋମବାର ଏକ ଶୋଭାଯାତ୍ରା ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଅନୁଷ୍ଠିତ ହୋଇଛି । ଶତାଧିକ କର୍ମୀ ଓ ସହାୟିକାମାନେ ଜଳେଶ୍ୱର ଡାକବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟଠାରେ ସମବେତ ହୋଇ ନାରାବାଜି ଦେଇଥିଲେ । ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, କର୍ମୀମାନଙ୍କୁ ସର୍ବନିମ୍ନ ୧୮ହଜାର ଓ ସହାୟିକାମାନଙ୍କୁ ୯ହଜାର ଟଙ୍କା ପ୍ରଦାନ କରିବା, ବଜାର ଦର ଅନୁସାରେ ଏସ୍‌ଏନ୍‌ସିର ମୂଲ୍ୟ ବୃଦ୍ଧି କରିବା, ଯୋଗ୍ୟତା ଅନୁସାରେ ସୁପରଭାଇଜର ପଦକୁ ପଦୋନ୍ନତି କରାଯିବା, ଗ୍ରୀଷ୍ମକାଳୀନ ଛୁଟି ପ୍ରଦାନ କରାଯିବା, ଅବସରକାଳୀନ ଭତ୍ତା ୫ ଲକ୍ଷ ଟଙ୍କା ପ୍ରଦାନ ସହିତ ମାସିକ ପେନ୍‌ସନ ୩୦୦୦ଟଙ୍କା ପ୍ରଦାନ କରାଯିବା ଆଦି ଦାବି ନେଇ ଏକ ଦାବିପତ୍ର ବିଡିଓ ପୁନମ ରାଉତଙ୍କୁ ପ୍ରଦାନ କରାଯାଇଛି । ଏଥିସହିତ ସିଡିପିଓ, ୫-ଟି, ବାଲେଶ୍ୱର ଜିଲାପାଳ, ଡିଏସ୍‌ଡବ୍ଲ୍ୟୁଙ୍କୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି। ବନଜା ଦାସ, ଛବିରାଣୀ ପରିଡା, ସୁଲଚନା ଦିନ୍ଦା, ମାମିରାଣୀ ମହାନ୍ତି, ଅପୂର୍ଣ୍ଣା ପ୍ରଧାନ, ଚନ୍ଦନ ଦାସ, ମିନତୀ ପାଣିଗ୍ରାହୀ, କଲ୍ୟାଣୀ ପାତ୍ର, ସସ୍ମିତା ପ୍ରଧାନ,ତପସ୍ୱିନୀ ଦାସ, ପ୍ରଣିତା ଦତ୍ତ, ନମିତା ପ୍ରଧାନ, ତାରାମଣି ଜେନା, ଜୟଶ୍ରୀ ସିଂହ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ।

## ଚାମ୍ପିୟନ ରଜତନଗର ଫୁଟବଲ ଟିମ୍‌କୁ ମିଳିଲା ଖାସି

ଖଇରା, ୬।୧୧(ଉତ୍କଳବନ୍ଧୁ ପଣ୍ଡା)

ଶିବଶକ୍ତି ଯୁବକ ସଂଘ ଆନୁକୂଲ୍ୟରେ ବାଲେଶ୍ୱର ଜିଲା ଖଇରା ବ୍ଲକ ବାଉଁଶଗଡିଆ ପଞ୍ଚାୟତ ବିରିପଡିଆଠାରେ ଚାଲିଥିବା ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଭିନ୍ନ ଜିଲାରୁ ୩୭ଟି ଟିମ୍ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲରେ କେନ୍ଦୁଝରର ରଜତନଗର ଫୁଟବଲ ଟିମ୍ ମୟୂରଭଞ୍ଜର ହୁଦଗୁଡା ଟିମ୍‌କୁ ୨-୦ ଗୋଲରେ ପରାସ୍ତ କରିଥିଲା। ଖେଳର ପରମ୍ପରା ଅନୁଯାୟୀ ବିଜୟୀ ରଜତନଗର ଟିମ୍‌କୁ ଏକ ଖାସି ପୁରସ୍କାର ମିଳିଥିଲା। ଜିତେନ୍ଦ୍ର ସିଂ ମ୍ୟାଚ ପରିଚାଳନା କରିଥିଲେ। ଯୁବନେତା ନୀଳମାଧବ ପଣ୍ଡା, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସରପଞ୍ଚ ବିଚିତ୍ର ପାତ୍ର, ମଣ୍ଡଳ ସଭାପତି ପତିତପାବନ କର, ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ଅଜୁ ଖିଲାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ସ୍ୱରୂପ ଖାସି ବଣ୍ଟନ କରିଥିଲେ।

## ଅନାଥ ଆଶ୍ରମ ପାଇଁ ଭୂମି ପୂଜା

ପାଟଣା,୬।୧୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଡୁମୁରିଆ ପଞ୍ଚାୟତ ଉପାନ୍ତ ଅଞ୍ଚଳ ବାଇଦବଜା ଗ୍ରାମ ବନ୍ଧ ସାହିରେ ସୋମବାର ଅନାଥ ଶିଶୁଙ୍କ ଥଇଥାନ ପାଇଁ ଏକ ଅନାଥ ଆଶ୍ରମ ସ୍ଥାପନ ପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଛି। କୋଠାଘର ଗ୍ରାମର ରମେଶ ଚନ୍ଦ୍ର ମହାନ୍ତ, ବାଇଦବାଜାର ଲକ୍ଷ୍ମଣ ବେହେରା, ନାରା ମୁଣ୍ଡା, ଆନନ୍ଦପୁର ଜଙ୍ଗାରର ରାମଚନ୍ଦ୍ର ପାତ୍ର ପ୍ରମୁଖଙ୍କ ଉଦ୍ୟମରେ ଆଶ୍ରମ ଆରମ୍ଭ ହୋଇଛି। ନାରାଙ୍କ ୨ ଏକର ପରିମିତ ଜମି ଓ ଜିଲା ପ୍ରଶାସନ ପକ୍ଷରୁ ଦିଆଯାଇଥିବା ୨ ଏକର ଜମିରେ ଗୃହ ନିର୍ମାଣ କରାଯିବ। ଭୂମି ପୂଜାରେ ପୁରୋହିତ ଭାବେ ଆଶୁତୋଷ ମିଶ୍ର, କର୍ତ୍ତାଭାବେ ରମେଶ ଚନ୍ଦ୍ର ମହନ୍ତ ଦେବନୀତି ସମ୍ପାଦନ କରିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୭ ନଭେମ୍ବର ୨୦୨୩

## ସାପ କାମୁଡ଼ାରେ ବୃଦ୍ଧା ମୃତ

ତିହିଡ଼ି, (ସଞ୍ଜିତ ବଳ)-ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ନରେନ୍ଦ୍ରପୁର ପଞ୍ଚାୟତ ନଛିବିନ୍ଧା ଗ୍ରାମର ଜଣେ ବୃଦ୍ଧାଙ୍କର ସାପ କାମୁଡ଼ାରେ ସୋମବାର ମୃତ୍ୟୁ ଘଟିଛି। ମୃତ ବୃଦ୍ଧା ହେଲେ ଭାମା ଧନୀ(୭୦)। ସେ ମଧ୍ୟାହ୍ନରେ ବାଡ଼ିରେ ଘାସ କାଟୁଥିବା ବେଳେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୀରହାଟ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା।



### ଆଜି କ'ଣ କେଉଁଠି

ମୟୂରଭଞ୍ଜ
- ମୟୂରଭଞ୍ଜ ମହୋତ୍ସବରେ ଗୌତମ ମହାନ୍ତ, ବବିତା ମହାନ୍ତ ଓ ଉର୍ମିଳା ମହାନ୍ତଙ୍କ ଝୁମର ନୃତ୍ୟ ସଙ୍ଗୀତ ପରିବେଷଣ, ସ୍ଥାନ-ବାରିପଦା ଛଉ ପଡ଼ିଆ, ସମୟ-ସନ୍ଧ୍ୟା ୭ଟା।

## ମେଲାଣି ନେଲେ ମା'



ଢେଙ୍କିକୋଟ,୬।୧୧(ନୀଳମଣିମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟଠାରେ ୧୦ ଦିନ ଧରି ପୂଜା ପାଉଥିବା ମା' ମହାଲକ୍ଷ୍ମୀ ମେଲାଣି ନେଇଛନ୍ତି। ପୂଜା ଉତ୍ସବ ମଧ୍ୟରେ ରବିବାର ସମ୍ବଲପୁରର ଖୁସି ମେଲୋଡ଼ି ଦ୍ୱାରା ହାଇସ୍କୁଲ ପଡ଼ିଆଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ଘସିପୁରାର ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଦେବାଶିଷ ପାତ୍ରଙ୍କୁ ମହାଲକ୍ଷ୍ମୀ ପୂଜା କମିଟିର ସଭାପତି ରାମଚନ୍ଦ୍ର ସାହୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ସାମାଜିକକର୍ମୀ ସେକ୍ ଇମ୍ରାନ, ପରେଶ କୁଅଁର, ଅଜିତ କୁମାର ପାଢ଼ୀଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି। ସୋମବାର ଅପରାହ୍ନ ୪ ଟା ବେଳେ ମାଆଙ୍କୁ ବିସର୍ଜନ ଦେବା ପାଇଁ ମଣ୍ଡପ ନିକଟରେ ମାଆ ଭଉଣୀଙ୍କ ଭିଡ଼ ଜମିଥିଲା। ବନ୍ଦାପନା କରି ମେଲାଣି ଜଣାଇଛନ୍ତି। ଶେଷରେ ପୁଣ୍ୟତୟା ସୀତା ନଦୀରେ ମାଆଙ୍କ ମୃଣ୍ମୟ ପ୍ରତିମାକୁ ବିସର୍ଜନ କରାଯାଇଥିଲା। ଏଥିରେ ମହାଲକ୍ଷ୍ମୀ ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ।

## ସୀତାକୁଣ୍ଡରୁ ପର୍ଯ୍ୟଟକଙ୍କ ମୃତଦେହ ଜବତ

ବାରିପଦା,୬।୧୧(ନୀଳାଦ୍ରି ବିହାରୀ ଦଣ୍ଡପାଟ): ମୟୂରଭଞ୍ଜ ଜିଲାର ଅନ୍ୟତମ ପର୍ଯ୍ୟଟନସ୍ଥଳ ତଥା ଶିମିଳିପାଳ ପାଦଦେଶରେ ଥିବା ଜଳପ୍ରପାତ ସୀତାକୁଣ୍ଡରୁ ରବିବାର ସନ୍ଧ୍ୟାରେ ଜଣେ ପର୍ଯ୍ୟଟକଙ୍କ ମୃତଦେହ ଜବତ ହୋଇଛି। ମୃତକଙ୍କ ନାମ ସନ୍ତୋଷ ଯାଦବ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ସଦର ଥାନା ପୋଲିସ ଅଗ୍ନିଶମ ବାହିନୀ ସହାୟତାରେ କୁଣ୍ଡ ଭିତରୁ ମୃତଦେହ ବାହାର କରି ବ୍ୟବଚ୍ଛେଦ ନିମନ୍ତେ ପିଆରଏମ ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଥିଲେ। ସନ୍ତୋଷଙ୍କ ମୃତ୍ୟୁର କାରଣ ଓ ଠିକଣା ଜଣାପଡ଼ିନାହିଁ ବୋଲି ଥାନା ଅଧିକାରୀ ମଧୁସ୍ମିତା ମହାନ୍ତି କହିଛନ୍ତି।

## ନାବାଳିକାଙ୍କୁ ଅପହରଣ ଅଭିଯୋଗ

ବଡ଼ବିଲ,୬।୧୧(ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ନେଇ ଅଭିଯୋଗ ହୋଇଛି। ଥାନା ଅନ୍ତର୍ଗତ ଠାକୁରାଣୀ ଅଞ୍ଚଳର ନାବାଳିକା ଶୁକ୍ରବାର ଅପହରଣ ହୋଇଥିବା ନେଇ ପରିବାର ପକ୍ଷରୁ ଏତଲା ଦିଆଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ. ୩୧୫/୨୦୨୩)ରୁଜୁ ହୋଇଥିବା ଜଣାପଡିଛି।

## ଆନ୍ତଃ ମହାବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତାରେ କୃତୀ ଛାତ୍ରଙ୍କୁ ସମ୍ବର୍ଦ୍ଧନା

ଗୋପବନ୍ଧୁ ନଗର, ୬।୧୧ (ଶାନ୍ତନୁ କୁମାର ମଥୁଆଲ)-ମୟୂରଭଞ୍ଜ ଜିଲା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବିବି କଲେଜ ବାଇଗଣ ବାଡ଼ିଆଠାରେ ଅନୁଷ୍ଠିତ ଆନ୍ତଃ ମହାବିଦ୍ୟାଳୟ ଭଲିବଲ୍ ପ୍ରତିଯୋଗିତାରେ ଗୋପବନ୍ଧୁ ନଗର ବ୍ଲକ ସାରସ୍ୱତ ସ୍ନାତକ ମହାବିଦ୍ୟାଳୟ ଚାମ୍ପିୟନ ହୋଇଛି। ଫାଇନାଲରେ ମାଣିଦା ମହାବିଦ୍ୟାଳୟକୁ ହରାଇ ବିଜୟଲାଭ କରିଥିଲା। ଏଥିପାଇଁ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟକ୍ଷ ସୁବଳ ଦାସ, ଖେଳ ଶିକ୍ଷକ ନରୋତ୍ତମ ଦାସ ଓ ମ୍ୟାନେଜର ରାଜେଶ କୁମାର ମଥୁଆଲଙ୍କୁ ସମସ୍ତ ଶ୍ରେୟ ଦେବା ସହ କୃତୀ ୧୦ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସଭାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଗର୍ଭବତୀ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ, ସ୍ୱାମୀ ଗିରଫ

ଭଣ୍ଡାରିପୋଖରୀ, ୬।୧୧ (ରବିନାରାୟଣ ଖିଲାର)

- ୮ ମାସ ତଳେ ପ୍ରେମବିବାହ କରିଥିଲେ
- ନୟନଯୋରିରୁ ମିଳିଲା ମୃତଦେହ

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଥାନା ଅଧୀନ ନପଙ୍ଗ ଗ୍ରାମରେ ଜଣେ ୮ ମାସର ଗର୍ଭବତୀ ମହିଳାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ଖୋଳାମୁହାଁଠାରେ ବସବାସ କରୁଥିବା ମାଳଦା ଗ୍ରାମର ପ୍ରଫୁଲ୍ଲ ଦାସଙ୍କ ଝିଅ ତପସ୍ୱିନୀ(୨୩)। ଏନେଇ ପ୍ରଫୁଲ୍ଲ ଭଣ୍ଡାରିପୋଖରୀ ଥାନାରେ ଅଭିଯୋଗ କରିଛନ୍ତି ଯେ, ତପସ୍ୱିନୀ ୮ ମାସ ତଳେ ନପଙ୍ଗ ଗ୍ରାମର ସିପୁନ ଦାସଙ୍କୁ ପ୍ରେମ ବିବାହ କରିଥିଲେ। ସିପୁନ ପୂର୍ବରୁ ବିବାହ କରିଥିବା ବେଳେ ତାଙ୍କର ପ୍ରଥମ ପତ୍ନୀଙ୍କ ସହ ଏକ କନ୍ୟା ସନ୍ତାନ ମଧ୍ୟ ଅଛନ୍ତି। ଏସବୁ ଜାଣିବା ସତ୍ତ୍ୱେ ତପସ୍ୱିନୀ ତାଙ୍କୁ ପ୍ରେମ ବିବାହ କରିଥିଲେ। ବାହାଘର ପରେ ଶାଶୁଘର ଲୋକେ ତାଙ୍କୁ ବିଭିନ୍ନ ସମୟରେ ନିର୍ଯାତନା ଦେଇଆସୁଥିଲେ। ଏନେଇ ପୂର୍ବରୁ ଅନେକବାର ଥାନାରେ ଅଭିଯୋଗ ହୋଇ ଘଟଣାର ସମାଧାନ ମଧ୍ୟ ହୋଇଛି। ସୋମବାର ସକାଳେ ନପଙ୍ଗ ଗ୍ରାମ ନିକଟ ରାସ୍ତାପାର୍ଶ୍ୱ ନୟନଯୋରୀରୁ ତପସ୍ୱିନୀଙ୍କ ମୃତଦେହ ମିଳିଛି। ରବିବାର ବିଳମ୍ବିତ ରାତିରେ ସ୍ୱାମୀ ସିପୁନଙ୍କ ସମେତ ଶାଶୁଘର ଲୋକେ ତପସ୍ୱିନୀଙ୍କୁ ହତ୍ୟା କରିଥିବା ପ୍ରଫୁଲ୍ଲ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିବା ବେଳେ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୩୫୫/୨୩) ରୁଜୁ କରି ମୃତ ତପସ୍ୱିନୀଙ୍କ ସ୍ୱାମୀ ସିପୁନଙ୍କୁ ଗିରଫ କରିଛି।

# ବିଶ୍ୱ ସମ୍ମିଳନୀରେ ସମ୍ମାନିତ ଶିକ୍ଷକ ପୀତାମ୍ବର



ଲଣ୍ଡନରେ ଆୟୋଜିତ ବିଶ୍ୱ ସମ୍ମିଳନୀରେ ଶିକ୍ଷକ ପୀତାମ୍ବର ଖିଲାର ସମ୍ମାନିତ ହେଉଛନ୍ତି ।

ବାଲେଶ୍ୱର, ୬।୧୧ (ମାନସ ବିଶ୍ୱାଳ)

**ୱାର୍ଲ୍ଡ ବୁକ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି**

ବାଲେଶ୍ୱର ଜିଲା ବାହାନଗା ବ୍ଲକ କରଞ୍ଜାବିନ୍ଧା କ୍ଷେତ୍ରମୋହନ ଉଚ୍ଚବିଦ୍ୟାପୀଠର ସହକାରୀ ଶିକ୍ଷକ ପୀତାମ୍ବର ଖିଲାର '୨୮୦ ପୃଷ୍ଠାର ସମାଜର ମୂଲ୍ୟବୋଧ ବାର୍ତ୍ତା' ଲେଖି ୱାର୍ଲ୍ଡ ବୁକ ଅଫ ରେକର୍ଡ଼ରେ ସ୍ଥାନ ପାଇଛନ୍ତି।

ଶିକ୍ଷକ ପୀତାମ୍ବର ସମାଜକୁ ବିଭିନ୍ନ ଶିକ୍ଷଣୀୟ ବାର୍ତ୍ତା ଦେଇ ଏକ ପରିଚୟ ସୃଷ୍ଟି କରିପାରିଛନ୍ତି। ସେ ଓଡ଼ିଶା ସମେତ ବାହାର ରାଜ୍ୟ ଏବଂ ଅନ୍ତର୍ଜାତୀୟସ୍ତରରେ ପୁରସ୍କୃତ ମଧ୍ୟ ହୋଇଛନ୍ତି। ସେହିଭଳି ଚଳିତବର୍ଷ ଅଗଷ୍ଟରେ ବିଶ୍ୱ ପରିବେଶକୁ ପ୍ରଦୂଷଣମୁକ୍ତ କରି ପୃଥିବୀକୁ ଧ୍ୱଂସମୁଖରୁ କିପରି ରକ୍ଷା କରାଯାଇପାରିବ ସେ ସମ୍ପର୍କରେ ଏକ ଡକ୍ୟୁମେଣ୍ଟାରୀ ଫିଲ୍ମ ସହ ୨୮୦ ପୃଷ୍ଠାର ଏକ ଲେଖା ଅନଲାଇନ ଜରିଆରେ ୱାର୍ଲ୍ଡ ବୁକ ଅଫ ରେକର୍ଡ ପାଇଁ ଆବେଦନ କରିଥିଲେ। ଏ ନେଇ ଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ପୁରସ୍କୃତ କରାଯିବା ସହିତ ୱାର୍ଲ୍ଡ ବୁକ ଅଫ ରେକର୍ଡ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଛି। ଏହା ପରେ ଲଣ୍ଡନରେ ଏ ସମ୍ପର୍କିତ ଏକ ବିଶ୍ୱ ସମ୍ମିଳନୀ ଆୟୋଜନ ହୋଇଥିଲା। ଏଥିରେ ୪୫ଦେଶର ପ୍ରତିନିଧି ଭାଗ ନେଇଥିଲେ। ଭାରତରୁ କେବଳ ପୀତାମ୍ବର ଖିଲାର ଅଂଶଗ୍ରହଣ କରି ସମ୍ମାନିତ ହୋଇଥିଲେ। ୱାର୍ଲ୍ଡ ବୁକ ଅଫ ରେକର୍ଡ଼ରେ ସ୍ଥାନ ପାଇ ନିଜ ଅଞ୍ଚଳ, ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଥିବାରୁ ଶିକ୍ଷକ ପୀତାମ୍ବରଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

## ଛଅ ସପ୍ତାହରେ ବିଚାର କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ

### ପଟ୍ଟାଭୁକ୍ତ ଜମିରେ ବିଦ୍ୟାଳୟ କାମ ନହେବା ପ୍ରସଙ୍ଗ

ହାଟଡ଼ିହୀ,୬।୧୧(ଶୁଭକାନ୍ତ ନାୟକ): ସରକାରୀ ଅନୁଦାନରେ ଠିକ୍ ଜମିରେ କାମ ହେଉ ନ ଥିବା ନେଇ ଏକ ମାମଲାର ବିଚାର କରି ହାଇକୋର୍ଟ ଆଇନ ଅନୁସାରେ ଛଅ ସପ୍ତାହ ମଧ୍ୟରେ ବିଚାର କରିବାକୁ କେନ୍ଦୁଝର ଜିଲା ହାଟଡିହୀ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କେସ ନଂ. ଡବ୍ଲ୍ୟୁପି(ସି)୩୧୩୦୨/୨୦୨୩ରେ ନିର୍ଦ୍ଦେଶନାମା ଜାରି ହୋଇଛି। ସୂଚନା ଅନୁଯାୟୀ, ବ୍ଲକ୍ ଅଧୀନ ଜଳସରପୁର ଉଚ୍ଚ ବିଦ୍ୟାଳୟର ଉନ୍ନତୀକରଣ ପାଇଁ ସରକାରୀ ଅନୁଦାନ ମିଳିଥିଲା। କିନ୍ତୁ ବିଦ୍ୟାଳୟର ପଟ୍ଟାଭୁକ୍ତ ଜମିରେ କାମ ହେଉ ନ ଥିବା ନେଇ ଅଭିଯୋଗ ହୋଇଥିଲା। ସରସ୍ୱତୀ ଖଟୁଆ ଏବଂ ଆଶିଷ ରଞ୍ଜନ ଧଳ ଏକ ମାମଲା ହାଇକୋର୍ଟରେ ଦାୟର କରିଥିଲେ। ବିଚାରର ଫଳାଫଳ ଆବେଦନକାରୀଙ୍କୁ ପରବର୍ତ୍ତୀ ଦୁଇ ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ ରହିଛି । ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ କହିଛନ୍ତି, ନିର୍ଦ୍ଦେଶ ଅନୁଯାୟୀ ଘଟଣା ସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ସ୍କୁଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିବା କହିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ପୂଜା



@କଣ୍ଢେଇ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# କଂଗ୍ରେସ କରିବ ସଂକୀର୍ତ୍ତନ ସତ୍ୟାଗ୍ରହ




ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ରଙ୍କ ସହ କର୍ମକର୍ତ୍ତା।

ଭଦ୍ରକ,୬।୧୧(ସନାତନ ରାଉତ)

**ଶ୍ରୀମନ୍ଦିରର ୪ ଦ୍ୱାର, ରତ୍ନଭଣ୍ଡାରର ଅଳଙ୍କାର ଗଣତି ଦାବି**

ଭକ୍ତମାନଙ୍କ ଦର୍ଶନ ପାଇଁ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ୪ ଦ୍ୱାର ଖୋଲା ରଖିବା ଓ ରତ୍ନଭଣ୍ଡାରର ସମସ୍ତ ଅଳଙ୍କାର ଗଣତି, ଅଧିଗ୍ରହଣ କରାଯାଇଥିବା ଜଗନ୍ନାଥଙ୍କ ଜମି ଏବଂ ସାଧାରଣ ଲୋକଙ୍କ ଚାଷଜମିକୁ ଫେରସ୍ତ କରାଯିବା ଦାବି ନେଇ ଭଦ୍ରକ ଜିଲା କଂଗ୍ରେସ ପକ୍ଷରୁ ଆସନ୍ତା ୯ ତାରିଖରେ ସଂକୀର୍ତ୍ତନ ସତ୍ୟାଗ୍ରହ କରାଯିବ। ଜିଲା କଂଗ୍ରେସ ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର ସୋମବାର ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ଜଣାଇଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଭଦ୍ରକ ବାଇପାସସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏହି ସତ୍ୟାଗ୍ରହ କରାଯିବ। ଦିଅଁ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କୁ ଘଣ୍ଟା ଘଣ୍ଟା ଧରି ଖରା ବର୍ଷାରେ ଲମ୍ୱାଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ସରକାର ଏହି ଧାଡ଼ି ଦର୍ଶନ ବନ୍ଦ କରି ପୂର୍ବ ଭଳି ମନ୍ଦିରର ସମସ୍ତ ଦ୍ୱାର ଭକ୍ତଙ୍କ ପାଇଁ ଖୋଲା କରିବାକୁ ଏହି ସଂକୀର୍ତ୍ତନ ସତ୍ୟାଗ୍ରହ ମାଧ୍ୟମରେ ଦାବି କରାଯିବ ବୋଲି ସେ କହିଛନ୍ତି। ଜିଲା ଯୁବ କଂଗ୍ରେସ ସଭାପତି ଇଲିୟାସ୍ ଅଲି ଖାଁ, ଉପସଭାପତି ବଳରାମ ରାଉତ, ନଗର ଯୁବ କଂଗ୍ରେସ ସଭାପତି ସୁଶାନ୍ତ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।

## ବାଇକ୍, ଟଙ୍କା ଲୁଟ୍ ଅଭିଯୋଗରେ ୨ ଗିରଫ

ବସ୍ତା, ୬।୧୧(ହରିଶଙ୍କର ପାଢ଼ି)

୬୦ ନଂ. ଜାତୀୟ ରାଜପଥରେ ଲୁଟ୍ ଅଭିଯୋଗରେ ହଳଦୀପଦା ଫାଣ୍ଡି ପୋଲିସ ୨ ଜଣଙ୍କୁ ଗିରଫ କରିଥିବା ବେଳେ ୨ ଜଣ ଫେରାର ଅଛନ୍ତି।

ପଡୋଶୀ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ନୂଆଗାଁର ଅନୀଲ କୁମାର ରଣା ଏକ ବାଇକ୍‌ରେ ଅକ୍ଟୋବର ୧୪ ତାରିଖ ରାତିରେ ଘରକୁ ଫେରୁଥିବା ବେଳେ ଜାତୀୟ ରାଜପଥର କ୍ରିଷ୍ଣା ହୋଟେଲ ନିକଟରେ ୪ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ତାଙ୍କଠାରୁ ବାଇକ୍ ଓ ୫ହଜାର ଟଙ୍କା ଛଡ଼ାଇ ନେଇ ପଳାଇଥିଲେ। ଏ ସମ୍ପର୍କରେ ସେ ହଳଦୀପଦା ଫାଣ୍ଡିରେ ଏତଲା ଦେଇଥିଲେ। ଫାଣ୍ଡି ଅଧିକାରୀ ଅରବିନ୍ଦ ପାଣିଗ୍ରାହୀ ଘଟଣାର ତଦନ୍ତ କରି ୨ ଜଣଙ୍କୁ ଗିରଫ କରିଛନ୍ତି ଓ ବାଇକକୁ ଉଦ୍ଧାର କରିଛନ୍ତି। ହୋଇଛି। ଗିରଫ ଅଭିଯୁକ୍ତ ହେଲେ ବାଲେଶ୍ୱର ସଦର ଥାନା ପୋଖରାବାଡ଼ର କାର୍ତ୍ତିକ ମାଝି ଓ ବାଲିପାଳର ମକୁରା ଓରଫ ଗୌରୀ ଶଙ୍କର ଜେନା।

## ଭୁଶୁଡ଼ିଲା ଅର୍ଦ୍ଧନିର୍ମିତ ପ୍ରଧାନମନ୍ତ୍ରୀ ଆବାସ



ଭୁଶୁଡି ପଡିଥିବା ପ୍ରଧାନମନ୍ତ୍ରୀ ଆବାସ।

ନୀଳଗିରି, ୬।୧୧(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତରେ ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ପ୍ରଧାନମନ୍ତ୍ରୀ ଆବାସ ସୋମବାର ଭୁଶୁଡି ପଡିଥିଲା। ଏଥିରେ ଦୁଇ ଶିଶୁକନ୍ୟା ଅଳ୍ପକେ ରକ୍ଷା ପାଇଯାଇଛନ୍ତି।

୨୦୨୧-୨୨ରେ ସଜନାଗଡ଼ ପଞ୍ଚାୟତ ୧ନଂ. ୱାର୍ଡ଼ ପାଣବନ୍ଧ ଗ୍ରାମର ସାକର ଟୁଡୁ ନାମ୍ନୀ ବିଧବାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ମିଳିଥିଲା। ତାଙ୍କୁ ଉକ୍ତ ପଞ୍ଚାୟତର ଜଣେ ଠିକାଦାର ଅଳ୍ପଦିନ ମଧ୍ୟରେ ସୁନ୍ଦର ଘର କରାଇଦେବାର ଲୋଭ ଦେଖାଇ ଆବାସକୁ ହାତେଇ ନେଇଥିଲେ। ହାତରେ ଦୁଇ ପଇସା ନ ଥିବାରୁ ତା' ପକ୍ଷେ ଘର କରିବା ଅସମ୍ଭବ ଜାଣି ଠିକାଦାରଙ୍କ କଥାରେ ରାଜି ହୋଇଯାଇଥିଲେ। ସରକାରଙ୍କ ତରଫରୁ ପ୍ରାଥମିକ ଭାବେ ୪୦ହଜାର ଟଙ୍କା ହିତାଧିକାରୀ ସାକର ଟୁଡୁଙ୍କ ଖାତାରେ ଜମା ହୋଇଥିଲା। ସମ୍ପୂର୍ଣ୍ଣ ଅର୍ଥକୁ ଠିକାଦାର ନେଇଯାଇଥିଲେ। ଏହାର ସୁଯୋଗ ନେଇ ଠିକାଦାର ଜଣକ ଅତି ନିମ୍ନମାନର କାମ କରିଥିଲେ। ସୋମବାର ଘର କାମ ୬ଫୁଟ୍ ମଧ୍ୟରେ ଚାଲିଥିବା ବେଳେ ହଠାତ୍ ପୂର୍ବପାଖ ଇଟାକାନ୍ଥ ଭୁଶୁଡି ପଡିଥିଲା। ଉକ୍ତ ଘର ପାଖରେ ଶୋଇଥିବା ସାକରଙ୍କ ଦୁଇ ନାତୁଣୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହି ଘଟଣାରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୀତାଞ୍ଜଳି ଆଚାର୍ଯ୍ୟ ଅବଗତ ନ ଥିବା ଦର୍ଶାଇଥିବା ବେଳେ ଏ ବାବଦରେ କୌଣସି ବିଲ୍ ହୋଇ ନ ଥିବା ସୂଚନା ଦେଇଛନ୍ତି।

# ସ୍ୱୟଂସହାୟକ ମହିଳାଙ୍କ ଗଣଧାରଣା

ଯୋଡ଼ା,୬।୧୧(ମାନସ ମହାନ୍ତି)




ବ୍ଲକ୍ କାର୍ଯ୍ୟାଳୟ ଆଗରେ ସ୍ୱୟଂସହାୟକ ମହିଳାମାନେ ଧାରଣାରେ ବସିଛନ୍ତି।

**ଅଣଦେଖା, ଦୁର୍ବ୍ୟବହାର ଅଭିଯୋଗ**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଆଗରେ ସୋମବାର ପଞ୍ଚାୟତସ୍ତରୀୟ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଗଣଧାରଣା ଦେଇଛନ୍ତି। ବିଭିନ୍ନ ଯୋଜାନାରେ ସେମାନଙ୍କୁ ଅଣଦେଖା ଓ ବ୍ଲକ୍‌ସ୍ତରୀୟ ସଭାପତି ଓ ଶିଶୁ ସୁରକ୍ଷା ଅଧିକାରିଣୀ ଦୁର୍ବ୍ୟବହାର କରୁଥିବା ନେଇ ବିଡିଓଙ୍କୁ ଲିଖିତ ଭାବେ ଜଣାଇଥିଲେ। କୌଣସି ଫଳ ନ ମିଳିବାରୁ ଧାରଣା ଦେଇଥିବା କହିଛନ୍ତି।

ଅଭିଯୋଗ ମୁତାବକ, ପଞ୍ଚାୟତରେ ବିଭିନ୍ନ ସମସ୍ୟା ଲାଗି ରହିଥିଲେ ହେଁ ସେମାନଙ୍କ ଅଭିଯୋଗକୁ ଶୁଣାଯାଉନାହିଁ। ପ୍ରତି ବଦଳରେ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ଦିଆଯାଉଛି। ପଞ୍ଚାୟତକୁ ଆସୁଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ, ଗର୍ଭବତୀ ଓ ଶିଶୁମାନଙ୍କ ନିମନ୍ତେ ପ୍ରଦତ୍ତ ଛତୁଆ, ଲଡୁ, ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ଆସୁଥିବା ଡ୍ରେସ୍ ଗୁଡ଼ିକୁ ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ପରିଚାଳନା କରାଯିବା ଉଚିତ୍। ପଞ୍ଚାୟତସ୍ତରୀୟ ସଂଘକୁ ଅବଗତ କରା ନ ଯାଇ ବ୍ଲକ୍‌ସ୍ତରୀୟ ସଭାପତି ଓ ଶିଶୁ ସୁରକ୍ଷା ଅଧିକାରିଣୀ ମନମୁଖି କାର୍ଯ୍ୟ କରୁଛନ୍ତି। ଫଳରେ ପ୍ରକୃତ ହିତାଧିକାରୀମାନେ ଉକ୍ତ ସାମଗ୍ରୀ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି। ପଞ୍ଚାୟତରେ ହେଉଥିବା ଏମ୍‌ବିକେ, ବ୍ୟାଙ୍କ ମିତ୍ର, ସିଆରପିସିଏମ୍ ନିଯୁକ୍ତିରେ ବହୁ ଅନିୟମିତତା ଦେଖା ଦେଇଛି। ଏ ନେଇ ପୂର୍ବରୁ ଦୁଇ ଜଣ ଅଧିକାରୀଙ୍କ ବଦଳି ନିମନ୍ତେ ପ୍ରଶାସନ ନିକଟରେ ଅଭିଯୋଗ ହୋଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଧାରଣା ଦିଆଯାଇଥିବା ଅସେଇଁକଳା ସ୍ୱଂୟ ସହାୟକ ଗୋଷ୍ଠୀର ପଞ୍ଚାୟତସ୍ତରୀୟ ସମ୍ପାଦିକା ରଜନୀ ମହାପାତ୍ର ସୂଚନା ଦେଇଛନ୍ତି। ବିଡିଓଙ୍କ ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହାର କରି ନିଆଯାଇଥିବା ସମ୍ପାଦିକା କହିଥିଲେ।

# ବହୁବିଧ ଚିକିତ୍ସା ଶିବିର

ଉଦଳା,୬।୧୧(ସନ୍ତୋଷ କୁମାର ବାଛିନୀ)

ଆମେ ଭଞ୍ଜ କଳାକାର ଦ୍ୱାରା ମୟୂରଭଞ୍ଜ ଜିଲା ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟରେ ମାଗଣା ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ପିଆରଏମ ମେଡିକାଲ କଲେଜର ଅଧ୍ୟକ୍ଷ ଡିନ୍ ଡା. ରାମକୃଷ୍ଣ ସାହୁ ଉଦ୍‌ଘାଟନ କରିଥିଲେ। ଅତିଥିଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ, ପ୍ରଫେସର ଡା. ମନୋରଞ୍ଜନ ମଲ୍ଲିକ, ଏନ୍‌ଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉପଖଣ୍ଡ ଡାକ୍ତରଖାନାର ସୁପରିଣ୍ଟେଣ୍ଡେଣ୍ଟ ଡା. ଲକ୍ଷ୍ମୀକାନ୍ତ ପତି ପ୍ରମୁଖ ଯୋଗଦେଇଥିଲେ। ଆମେ ଭଞ୍ଜ କଳାକାରର ଅଧ୍ୟକ୍ଷ ପ୍ରସନ୍ନ ଦାସ, ସମ୍ପାଦକ ରବୀନ୍ଦ୍ର କଟୁଆଳ ପରିଚାଳନା କରିଥିଲେ। ଡା. ଅକ୍ଷୟପଦ ପଟ୍ଟନାୟକ, ଡା. ମଙ୍ଗଳ ମୁର୍ମୁ, ଡା. ସୁମିତ୍ରା ସୋରେନ୍, ଡା. ମଧୁସ୍ମିତା ନାଏକ, ଡା. ନିରାକାର ପାଲ ଓ ଯୋଗ ଦେଇଥିବା ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା। ଅସ୍ଥିଶଲ୍ୟ, ଭେଷଜ, ଇଏନ୍‌ଟି, ଚର୍ମରୋଗ ଆଦି ବିଭାଗରେ ୯୦୫ ଜଣଙ୍କୁ ଚିକିତ୍ସା କରାଯାଇ ଔଷଧ ଦିଆଯାଇଥିଲା। ଉଦଳା କଲେଜ ଏନ୍‌ସିସି, ଇନ୍ଦିରାଗାନ୍ଧୀ କଲେଜ ଏନ୍‌ଏସ୍‌ଏସ୍ ଓ ସଂଯୋଗ ନର୍ସିଂ ସ୍କୁଲ ସ୍ୱେଚ୍ଛାସେବୀମାନେ ସହାୟତା କରିଥିଲେ।



